# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୭ ◆ ଭୁବନେଶ୍ୱର ◆ ସୋମବାର ◆ ମେ ୦୪ରୁ ମେ ୧୦, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-37 ◆ Bhubaneswar ◆ Monday ◆ May 04 to May 10, 2026 ◆ Page-8 ◆ Price Rs.4.00


## ଜଳିଲା ୪ ମହଲା କୋଠା, ୯ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ଦିଲ୍ଲୀର ବିବେକ ବିହାରରେ ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ଦେଢ଼ ବର୍ଷର ଶିଶୁ ଅଛନ୍ତି। 'ଏସି'ରେ ବିସ୍ଫୋରଣ ଘଟି ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି।

୯ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ କୋଠାର ଦ୍ୱିତୀୟ ମହଲାରୁ ମିଳିଥିବା ବେଳେ ଗୋଟିଏ ମୃତଦେହ ପ୍ରଥମ ମହଲାରୁ ମିଳିଥିଲା। ବାକି ୩ଟି ମୃତଦେହକୁ ସିଡ଼ି ଘରୁ ମିଳିଥିଲା। ସେମାନେ ତୃତୀୟ ମହଲାରେ ରହୁଥିଲେ। ସେମାନେ ସିଡ଼ି ଦେଇ କୋଠାରୁ ଛାତକୁ ପଳାଇବାକୁ ପ୍ରୟାସ କରିଥିଲେ ବୋଲି ଅନୁମାନ କରାଯାଉଛି। କିନ୍ତୁ ସିଡ଼ି ଘର କବାଟରେ ତାଲା ପଡ଼ିଥିବାରୁ ତାହା ସମ୍ଭବ ହୋଇପାରିନଥିଲା। ଦ୍ୱିତୀୟ ମହଲାରୁ ଯେଉଁ ୫ ଜଣଙ୍କ ମୃତଦେହ ମିଳିଥିଲା, ସେମାନେ ହେଉଛନ୍ତି ଅରବିନ୍ଦ ଜୈନ (୬୦), ତାଙ୍କ ପତ୍ନୀ ଅନୀତା ଜୈନ (୫୮), ଅରବିନ୍ଦଙ୍କ ପୁଅ ନିଶାନ୍ତ ଜୈନ (୩୫), ନିଶାନ୍ତଙ୍କ ପତ୍ନୀ ଆଞ୍ଚଲ ଜୈନ (୩୩) ଓ ସେମାନଙ୍କର ଦେଢ଼ ବର୍ଷର ପୁଅ ଆକାଶ ଜୈନ। ତୃତୀୟ ମହଲାରେ ରହୁଥିବା ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଉଛନ୍ତି ନୀତୀନ ଜୈନ (୫୦), ତାଙ୍କ ପତ୍ନୀ ଶୈଳୀ ଜୈନ (୪୮) ଓ ସେମାନଙ୍କ ୨୫ ବର୍ଷର ପୁଅ ସମୟକ ଜୈନ। ପ୍ରଥମ ମହଲାରେ ରହୁଥିବା ଶିଖା ଜୈନ (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ନବୀନ ଜୈନ ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଏହି ଅଗ୍ନିକାଣ୍ଡ ନେଇ ଭୋର ପ୍ରାୟ ୪ଟା ବେଳେ ଅଗ୍ନିଶମ ବାହିନୀ ଖବର ପାଇଥିଲା। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ତୁରନ୍ତ ସେଠାରେ ପହଞ୍ଚିଥିଲେ। ୧୪ଟି ଦମକଳ ଗାଡ଼ିକୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ନିଆଁକୁ ସଂପୂର୍ଣ୍ଣ ଆୟତ୍ତକୁ ଆଣିବାକୁ ଅଗ୍ନିଶମ ବାହିନୀକୁ ୨ ଘଣ୍ଟା ଲାଗି ଯାଇଥିଲା। ତା' ଭିତରେ ଅଗ୍ନିଶମ ବାହିନୀ ୧୨ ଜଣ ଲୋକଙ୍କୁ ଉକ୍ତ କୋଠାରୁ ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆହତ ହୋଇଥିଲେ ସେମାନଙ୍କୁ ଗୁରୁ ତେଗ ବାହାଦୂର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ।

## 'ସୁଜଳ' ଯୋଜନାରେ ୩୯୧ ପ୍ରକଳ୍ପ ପାଇଁ ୧୫୦୦ କୋଟି ବ୍ୟୟବରାଦ



ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସମସ୍ତ ସହରାଞ୍ଚଳରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି। ରାଜ୍ୟର ୮୬ଟି ପୌରାଞ୍ଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ସମସ୍ତ ସହରାଞ୍ଚଳରେ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।୨୦୨୫-୨୬ ବର୍ଷରେ ୯ଟି ପୌରାଞ୍ଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ, ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଞ୍ଚଳକୁ ସାମିଲ କରାଯିବ। 'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୭-୨୮ ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି। ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ। ଏଥିସହିତ, ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଗତକାଲି ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ଯନ୍ତ୍ରୀ ମୁଖ୍ୟ ବିଳାସ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ମହାଙ୍ଗା ହେଲା କ୍ଷୀର। ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର। ପ୍ରତି ଲିଟର ପିଛା କ୍ଷୀର ଦର ୪ ଟଙ୍କା ବୃଦ୍ଧି ପାଇଛି। ଏନେଇ ଓମ୍‌ଫେଡ଼ ପକ୍ଷରୁ ନୋଟିଫିକେସ୍ ଜାରି କରିବା ସହ ଏଜେଣ୍ଟମାନଙ୍କୁ ମଧ୍ୟ ସୂଚିତ କରିଛି। ଓମ୍‌ଫେଡ୍ ପକ୍ଷରୁ ଜାରି ହୋଇଥିବା ନୂତନ ବର୍ଦ୍ଧିତ ଦର ସୂଚୀ ଅନୁଯାୟୀ, ଟୋନ୍ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ଯାହା ୫୦ ଟଙ୍କାରୁ ବୃଦ୍ଧି ପାଇ ୫୪ ଟଙ୍କା ହୋଇଛି। ସେହିଭଳି ପ୍ରିମିୟମ୍ କ୍ଷୀର ଲିଟର ପ୍ରତି ମଧ୍ୟ ୪ଟଙ୍କା ବଢ଼ିଛି। ଯାହା ୫୪ ଟଙ୍କାରୁ ବଢ଼ି ୫୮ ଟଙ୍କାରେ ପହଞ୍ଚିଛି। ଗୋଲ୍ଡ ପ୍ରିମିୟର କ୍ଷୀର ଲିଟର ପ୍ରତି ୪ ଟଙ୍କା ବଢ଼ି ୬୦ ଟଙ୍କା ହୋଇଛି। ସେହିଭଳି ଗୋଲ୍ଡ ପ୍ରିମିୟର ପ୍ଲସ୍ କ୍ଷୀର ଲିଟର ପ୍ରତି ୪ଟଙ୍କା ବଢ଼ି ୬୪ ଟଙ୍କା ଦର ଛୁଇଁଥିବା ଓମ୍ଫେଡ୍ ପକ୍ଷରୁ ସୂଚିତ କରାଯାଇଛି। ଓମ୍‌ଫେଡ୍ କ୍ଷୀର ଦାମ୍ ବଢ଼ିବା ଯୋଗୁଁ ଆଗକୁ କ୍ଷୀରଜାତୀୟ ସବୁ ସାମଗ୍ରୀ ଯଥା ପନିର, ଦହି, ଖୁଆ, ମିଠା ଓ ଚା' କପ୍ ଦାମ୍ ମଧ୍ୟ ବଢ଼ିପାରେ। ଫଳରେ ଖାଉଟିମାନେ ପ୍ରଭାବିତ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏଣେ ଏନେଇ ପ୍ରାଣୀ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ଚାଷୀଙ୍କ ହିତ ସାଧନ ଲାଗି ଓମ୍‌ଫେଡ୍ କ୍ଷୀର ଦାମ୍ ବୃଦ୍ଧି କରାଯାଇଛି। ଓମ୍ ଫେଡ୍ ଦୁଗ୍ଧ ଦର ବୃଦ୍ଧି ଦ୍ୱାରା ଚାଷୀମାନେ ଉପକୃତ ହେବେ। ଚାଷୀଙ୍କ ହିତ ପାଇଁ ଅଧିକ ଦାମ୍‌ରେ ଆମେ କ୍ଷୀର କ୍ରୟ କରିବୁ। ପ୍ରକ୍ରିୟାକରଣ ଓ ପରିବହନ ଖର୍ଚ୍ଚ ଅଧିକ ପାଇଁ କ୍ଷୀର ଦର ବୃଦ୍ଧି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

# ମହାକାଶରେ ଭାରତର 'ଦୃଷ୍ଟି'

## ଅପ୍ଟିକାଲ୍ ଓ ରାଡାର୍‌ରୁ ନେଇପାରିବ ଫଟୋ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ଷ୍ଟାର୍ଟଅପ୍ ଗାଲେକ୍ସଆଇ ରବିବାର ଆମେରିକୀୟ କମ୍ପାନୀ ସ୍ପେଶ୍‌ଏକ୍ସର ଫାଲ୍‌କନ୍ ୯ ରକେଟ୍ ଜରିଆରେ ସଫଳତାର ସହିତ ନିଜର ପ୍ରଥମ ସାଟେଲାଇଟ୍ 'ଦୃଷ୍ଟି' ଲଞ୍ଚ୍ କରିଛି। ୧୯୦ କିଲୋଗ୍ରାମ ଓଜନର 'ଦୃଷ୍ଟି' ଭାରତର ସର୍ବବୃହତ୍ ଘରୋଇ ସାଟେଲାଇଟ୍। 'ଦୃଷ୍ଟି' ସାଟେଲାଇଟ୍ ଏକ ସଙ୍ଗରେ ଅପ୍ଟିକାଲ୍ ଏବଂ ରାଡାର (ଏସ୍‌ଏଆର୍) ଉଭୟରୁ ଫଟୋ ନେଇପାରିବ। ବର୍ତ୍ତମାନ ସୁଦ୍ଧା ସାଟେଲାଇଟ୍‌ଗୁଡ଼ିକ ମଲ୍ଟି-ସ୍ପେକ୍ଟ୍ରାଲ୍/ହାଇ-ସ୍ପେକ୍‌ଟ୍ରାଲ୍ (ଅପ୍ଟିକାଲ୍) ଇମେଜ୍ ଉଠାଉଥିଲେ କିମ୍ବା ଏସ୍‌ଏଆର୍ ଟେକ୍‌ନିକ୍‌ର ବ୍ୟବହାର କରୁଥିଲେ। ଅପ୍ଟିକାଲ୍ ଇମେଜ୍ ସ୍ପଷ୍ଟ ଏବଂ ବୁଝିବାରେ ସହଜ ହୋଇଥାଏ। ଏସ୍‌ଆର୍ ଅର୍ଥାତ୍ ସିନ୍ଥେଟିକ୍ ଆପାର୍ଚର୍ ରାଡାର ଟେକ୍‌ନିକ୍ ବାଦଲ, ବର୍ଷା କିମ୍ବା ରାତିରେ ମଧ୍ୟ ଫଟୋ ନେଇପାରିବ। ଗାଲେକ୍ସଆଇ ଏହି ଟେକ୍ନୋଲୋଜିକୁ ଅପ୍ଟୋ-ଏସ୍‌ଏଆର୍ ନାମ ଦେଇଛି। ଦୃଷ୍ଟି ସାଟେଲାଇଟ୍ ଦ୍ୱାରା ପ୍ରତିରକ୍ଷା, ଚାଷକାର୍ଯ୍ୟ, ବିପର୍ଯ୍ୟୟ ପ୍ରଶମନ, ସାମୁଦ୍ରିକ ନିରୀକ୍ଷଣ ଏବଂ ଭିତ୍ତିଭୂମି ଯୋଜନା ପରି କାର୍ଯ୍ୟରେ ସହାୟତା ମିଳିବ। ଏହି ସାଟେଲାଇଟ୍ ଇସ୍ରୋର ୨୯ ଆର୍ଥ ଅବ୍‌ଜର୍ଭେସନ୍ ସାଟେଲାଇଟ୍‌ର ସାଥି ଦେବ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ୍ ଦୃଷ୍ଟିର ସଫଳ ଲଞ୍ଚ୍ ପାଇଁ ଗାଲେକ୍ସଆଇର ପ୍ରତିଷ୍ଠାତା ଏବଂ ସମଗ୍ର ଟିମ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ମୋଦୀ ଲେଖିଛନ୍ତି, 'ଗାଲେକ୍ସଆଇର ମିଶନ୍ ଦୃଷ୍ଟି ଭାରତର ମହାକାଶ ଯାତ୍ରାରେ ଏକ ପ୍ରମୁଖ ସଫଳତା। ବିଶ୍ୱର ପ୍ରଥମ ଅପ୍ଟୋ-ଏସ୍‌ଏଆର୍ ସାଟେଲାଇଟ୍ ଏବଂ ଭାରତରେ ଘରୋଇ ଉଦ୍ୟମରେ ନିର୍ମିତ ସର୍ବବୃହତ ଉପଗ୍ରହର ସଫଳ ଉତ୍‌କ୍ଷେପଣ ଯୁବପିଢ଼ିଙ୍କ ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆଗ୍ରହର ପ୍ରମାଣ।'

କମ୍ପାନୀର ପ୍ରତିଷ୍ଠାତା ସୁୟଶ ସିଂହ କହିଛନ୍ତି, ପୂର୍ବରୁ ଉନ୍ନତ ସୂଚନା ପାଇଁ ଅଲଗା ଅଲଗା ସାଇଟେଲାଇଟ୍‌ର ଡାଟାକୁ ଯୋଡ଼ିବାକୁ ପଡୁଥିଲା। ଏଥିରୁ ଅଲଗା ଅଲଗା ସମୟ ଏବଂ ଆଙ୍ଗଲ୍ (କୋଣ)ର ଫଟୋର ମେଳ ଖାଉନଥିଲା। ମାତ୍ର 'ଦୃଷ୍ଟି' ଏକ ସମୟରେ ଗୋଟିଏ ସ୍ଥାନରୁ ହିଁ ସଠିକ୍ ଫଟୋ ପଠାଇବ। ସେ କହିଛନ୍ତି, ଖରାପ ପାଗରେ ଅପ୍ଟିକାଲ୍ ଇମେଜ୍ ମିଳୁନଥିବାରୁ କମ୍ପାନୀ ଏଆଇରୁ ଏସ୍‌ଏଆର୍ ଡାଟାକୁ ଅପ୍ଟିକାଲ୍ ପରି ଫଟୋରେ ପରିବର୍ତ୍ତନ କରିପାରିବ। ଫଳରେ ସବୁ ପ୍ରକାର ପାଣିପାଗରେ ପ୍ରତ୍ୟେକ ସମୟର ଫଟୋ ମିଳିବା ସମ୍ଭବ ହେବ।

ତେବେ ଅପ୍ଟିକାଲ୍ ଏବଂ ଏସ୍‌ଏଆର୍ ଟେକ୍ନିକ୍ ମଧ୍ୟରେ ତାଳମେଳ ବସାଇବା ଏହି ସାଟେଲାଇଟ୍ ନିର୍ମାଣ କରିବାରେ ସବୁଠୁ ବଡ଼ ଆହ୍ୱାନ ଥିଲା। ସାଧାରଣତଃ ସାଟେଲାଇଟ୍‌ରେ ଥିବା ଦୁଇ ସେନ୍‌ସର୍ ଅଲଗା ଅଲଗା କୋଣ (ଆଙ୍ଗଲ୍)ରୁ ପୃଥିବୀକୁ ଦେଖିଥାଏ। ତେଣୁ କମ୍ପାନୀ ଏପରି ଟେକ୍ନୋଲୋଜି ବିକଶିତ କରିଛି, ଯାହା ଦ୍ୱାରା ଦୁଇଟିଯାକ ସେନ୍‌ସର୍ ଏକ ସମୟରେ ଗୋଟିଏ ଲୋକେସନ୍‌ରୁ ହିଁ ଫଟୋ ନେଇପାରିବେ।

ଜାତୀୟ ଚେତନା
JATIYA CHETANA



## ହର୍ମୁଜ୍‌ରେ ଭାରତର ବଡ଼ ସଫଳତା

# ଆମେରିକା ଚକ୍ରବ୍ୟୂହ ଭାଙ୍ଗି ବାହାରିଲା 'ସର୍ବ ଶକ୍ତି'




ନୂଆଦିଲ୍ଲୀ,(ଏଜେନ୍ସି): ଇରାନ୍ ଓ ଆମେରିକା ଯୁଦ୍ଧ ଉତ୍ତେଜନା ଏବଂ ସାମୁଦ୍ରିକ ଅବରୋଧ ମଧ୍ୟରେ ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର। ଭାରତର ଏକ ଏଲପିଜି ଟ୍ୟାଙ୍କର 'ସର୍ବ ଶକ୍ତି' ସଫଳତାପୂର୍ବକ ହର୍ମୁଜ୍ ପ୍ରଣାଳୀ ପାର୍ କରିଛି। ଏହି ଜାହାଜ ପ୍ରାୟ ୪୫ ହଜାର ଟନ୍ ଏଲ୍‌ପିଜି ନେଇ ଭାରତ ଆସୁଛି। ରିପୋର୍ଟ ଅନୁସାରେ ଏହି ଜାହାଜ ଇରାନ୍ ଲାରାକ୍ ଦ୍ୱୀପ ଏବଂ କ୍ୱେଶମ୍ ଦ୍ୱୀପ ନିକଟରେ ଅତିକ୍ରମ କରି ଓମାନ୍ ଉପକୂଳରେ ପହଞ୍ଚିଛି। ଏହି ଜାହାଜରେ ୧୮ ଭାରତୀୟ ଚାଳକ ଦଳ ସଦସ୍ୟ ଥିବାବେଳେ ଏହା ବିଶାଖାପାଟଣା ବନ୍ଦର ଅଭିମୁଖେ ଆସୁଛି। ଖାସ୍ ବିଷୟ ହେଉଛି ସର୍ବ ଶକ୍ତି ଇରାନ ଦ୍ୱାରା ସ୍ଥିର ହୋଇଥିବା ସୁରକ୍ଷିତ ମାର୍ଗର ପାଳନ ସହ କଷ୍ଟକର ଯାତ୍ରା ପୂରା କରିଛି। ଏହି ଯାତ୍ରା ଏଥିପାଇଁ ମହତ୍ତ୍ୱପୂର୍ଣ୍ଣ, କାରଣ ଆମେରିକା ଅବରୋଧ ପରେ ଏହି ସମ୍ବେଦନଶୀଳ ଜଳମାର୍ଗକୁ ସଫଳତା ପୂର୍ବକ ପାର୍ କରିବାରେ ଏହା ଭାରତର ପ୍ରଥମ ଜାହାଜ। ଏହା ପୂର୍ବରୁ ଆମେରିକା ଅବରୋଧ ପରେ ଏହି ଜଳମାର୍ଗରେ ଜାହାଜଗୁଡ଼ିକର ଯାତାୟାତ ପ୍ରାୟ ଠପ୍ ହୋଇଯାଇଥିଲା।

ରିପୋର୍ଟ ଅନୁସାରେ ଏହି କାର୍ଗୋ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର। ଅବଶ୍ୟ କମ୍ପାନୀ ଏହା ଉପରେ କୌଣସି ଆଧିକାରିକ ବୟାନ ଦେଇନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ହର୍ମୁଜ୍‌ରେ ଏବେ ବି ଜାହାଜ ଯାତାୟାତ ସାମନ୍ୟ ହୋଇନାହିଁ। ଅନ୍ୟପକ୍ଷରେ ଆମେରିକାର ଅବରୋଧ ଫଳରେ ସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଛି। ଏପରି ସ୍ଥିତିରେ ସର୍ବ ଶକ୍ତିର ଏହି ଯାତ୍ରା ଭାରତ ପାଇଁ କେବଳ ଆଶ୍ୱସ୍ତିର ବଷୟ ନୁହେଁ, ବରଂ ଗମ୍ଭୀର ବୈଶ୍ୱିକ ସଙ୍କଟ ମଧ୍ୟରେ ନିଜ ଶକ୍ତି ଯୋଗାଣକୁ ବଜାୟ ରଖିବା ନିମନ୍ତେ ସକ୍ରିୟ ପଦକ୍ଷେପ ନେଉଛି।

## ଇସ୍ରାଏଲ୍ ଆକ୍ରମଣରେ ଦୁଇ ହିଜବୁଲ୍ଲା ଆତଙ୍କୀ ନିହତ

ତେଲ୍ ଅଭିଭ୍,(ଏଜେନ୍ସି): ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଦକ୍ଷିଣ ଲେବାନନ୍‌ରେ ଅପରେସନ ସମୟରେ ଦୁଇଜଣ ସଶସ୍ତ୍ର ହିଜବୁଲ୍ଲା ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛି। ଆଇଡିଏଫ୍ ଅନୁଯାୟୀ, ଏହି ଆତଙ୍କବାଦୀମାନେ 'ଫରଓ୍ୱାର୍ଡ ଡିଫେନ୍ସ ଲାଇନ୍'ର ଦକ୍ଷିଣରେ କାର୍ଯ୍ୟ କରୁଥିଲେ ଏବଂ ଇସ୍ରାଏଲୀ ସେନା ପାଇଁ 'ତତ୍କାଳ ବିପଦ' ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେନା ସେମାନଙ୍କୁ ବିମାନ ଆକ୍ରମଣ ସହିତ ଟାର୍ଗେଟ୍ କରିଥିଲା। ଇସ୍ରାଏଲ ଏହା ମଧ୍ୟ କହିଛି ଯେ ଏହି ଅଞ୍ଚଳର ଅନ୍ୟ ଆତଙ୍କବାଦୀମାନେ କୋଠା ଭିତରେ ଲୁଚି ରହି ବିପଦ ସୃଷ୍ଟି କରୁଥିଲେ। ସେମାନଙ୍କୁ ମଧ୍ୟ ପରବର୍ତ୍ତୀ ଆକ୍ରମଣରେ ନିପାତ କରାଯାଇଥିଲା। ଇସ୍ରାଏଲୀ ସାମରିକ ମୁଖପାତ୍ର ଅଭିଚାଇ ଆଡ୍ରାଇ କହିଛନ୍ତି ଯେ ଇସ୍ରାଏଲ ବିରୁଦ୍ଧରେ ବିପଦ ଦୂର କରିବା ପାଇଁ ଦକ୍ଷିଣ ଲେବାନନରେ ଅଭିଯାନ ଚାଲିଛି। ସେ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ସାମ୍ପ୍ରତିକ ଆକ୍ରମଣରେ ବ୍ୟବହୃତ ପ୍ରାୟ ୭୦ଟି ସାମରିକ କୋଠା ଏବଂ ହିଜବୁଲ୍ଲାର ପ୍ରାୟ ୫୦ଟି ଅନ୍ୟାନ୍ୟ ଭିତ୍ତିଭୂମି ନଷ୍ଟ ହୋଇଛି। ଏହି ଟାର୍ଗେଟ୍‌ରେ କମାଣ୍ଡ୍ ସେଣ୍ଟର୍, ଅସ୍ତ୍ରଶସ୍ତ୍ର ଡିପୋ ଏବଂ ଅନ୍ୟାନ୍ୟ ସାମରିକ ସୁବିଧା ଅନ୍ତର୍ଭୁକ୍ତ।

## ଏମର୍ଜେନ୍ସି ଗେଟ୍ ଖୋଲି ବିମାନରୁ ଡେଇଁଲେ ଯାତ୍ରୀ

ଚେନ୍ନାଇ,(ଏଜେନ୍ସି): ଚେନ୍ନାଇ ବିମାନ ବନ୍ଦରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ଏୟାର୍ ଆରବିୟାର ଏକ ବିମାନ ଲ୍ୟାଣ୍ଡିଂ କରୁଥିବା ବେଳେ ଜଣେ ଯାତ୍ରୀ ଏମର୍ଜେନ୍ସି ଗେଟ୍ ଖୋଲି ତଳକୁ ଡେଇଁ ପଡ଼ିଥିଲେ। ବିମାନଟି ୨୩୧ ଯାତ୍ରୀଙ୍କୁ ନେଇ ଶାରଜାହରୁ ଚେନ୍ନାଇ ଆସିଥିଲା। ଏୟାରବସ୍ ଏ୩୨୦ ମଡେଲ୍‌ର ବିମାନ ଜି୯ ୪୭୧ ରନ୍‌ୱେରୁ ଟର୍ମିନାଲ୍ ଆଡ଼କୁ ଯାଉଥିବା ବେଳେ ଭୋର୍ ପ୍ରାୟ ୩.୨୩ ସମୟରେ ଏହି ଘଟଣା ଘଟିଥିଲା। ଯାତ୍ରୀ ଜଣକ ତଳକୁ ଡେଇଁପଡ଼ିବା ପରେ ପାଇଲଟ୍ ତୁରନ୍ତ ବିମାକୁ ରୋକି ବିମାନ ବନ୍ଦର ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଘଟଣା ପରେ ଯାତ୍ରୀ ଜଣକ ବିମାନ ବନ୍ଦରର କମର୍ସିଆଲ୍ ଏରିଆ ଆଡ଼କୁ ଦୌଡ଼ିଥିଲେ। ତେବେ ସୁରକ୍ଷାକର୍ମୀ ତୁରନ୍ତ ତାଙ୍କୁ କାବୁ କରିନେଇଥିଲେ। ବିମାନରୁ ଡେଇଁବା ଫଳରେ ଯାତ୍ରା ଜଣକ ଆହତ ହୋଇଥିଲେ ଏବଂ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅଭିଯୁକ୍ତ ୨୯ ବର୍ଷୀୟ ମହମ୍ମଦ ଶରିଫ୍ ମହମ୍ମଦ ନଜମୁଦ୍ଦିନ୍ ବୋଲି ଜଣାପଡ଼ିଛି।

## ନାଗରିକତା ନିୟମରେ ପରିବର୍ତ୍ତନ: ଏବେ ଅନ୍‌ଲାଇନ୍‌ରେ ମିଳିବ ଇ-ଓସିଆଇ ସୁବିଧା

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନାଗରିକତା ନିୟମ ୨୦୦୯ରେ ଏକ ବୈପ୍ଳବିକ ସଂଶୋଧନ କରାଯାଇଛି। ନୂତନ 'ନାଗରିକତା ସଂଶୋଧନ ନିୟମ, ୨୦୨୬' ଅନୁଯାୟୀ, ପ୍ରବାସୀ ଭାରତୀୟ ନାଗରିକ କାର୍ଡଧାରକଙ୍କ ପାଇଁ ସମସ୍ତ ପ୍ରକ୍ରିୟାକୁ ଏବେ ସମ୍ପୂର୍ଣ୍ଣ ଡିଜିଟାଲ୍ ବା ଅନଲାଇନ୍ ମୋଡ୍‌କୁ ଅଣାଯାଇଛି। ଏହି ନୂତନ ବ୍ୟବସ୍ଥାରେ ବିଶେଷ କରି ନାବାଳକଙ୍କ ପାଇଁ ସରକାର ଏକ କଡ଼ା ନିୟମ ଲାଗୁ କରିଛନ୍ତି। ନୂଆ ନିୟମ ଅନୁଯାୟୀ, ଜଣେ ନାବାଳକ ଏକକାଳୀନ ଭାରତୀୟ ପାସପୋର୍ଟ ଏବଂ ଅନ୍ୟ ଦେଶର ପାସପୋର୍ଟ ରଖିପାରିବେ ନାହିଁ। ନାଗରିକତା ଆବେଦନ ସହିତ ଜଡ଼ିତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସହଜ କରିବା ପାଇଁ ସରକାର ଏହି ବଡ଼ ପଦକ୍ଷେପ ନେଇଛନ୍ତି।

ଏବେ ଓସିଆଇ କାର୍ଡ ପଞ୍ଜିକରଣ ଏବଂ ଏହାର ପ୍ରତ୍ୟାହାର ବା ସମର୍ପଣ ପାଇଁ ଆଉ ମାନୁଆଲ ଆବେଦନ କରିବାକୁ ପଡ଼ିବ ନାହିଁ। ଏହି ସମସ୍ତ କାର୍ଯ୍ୟ ଏବେ ସରକାରଙ୍କ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ସମ୍ପାଦିତ ହେବ। ଏଥିସହିତ 'ଇ-ଓସିଆଇ' ସୁବିଧାର ଶୁଭାରମ୍ଭ କରାଯାଇଛି, ଯାହା ଅଧୀନରେ ଆବେଦନକାରୀଙ୍କୁ ଡିଜିଟାଲ୍ ଓସିଆଇ କାର୍ଡ ପ୍ରଦାନ କରାଯିବ। ଯଦି କେହି ନିଜର ଓସିଆଇ ସ୍ଥିତି ଛାଡ଼ିବାକୁ ଚାହାଁନ୍ତି, ତେବେ ଘୋଷଣା ପରେ ସେମାନଙ୍କୁ ନିଜର ମୂଳ କାର୍ଡ ନିକଟସ୍ଥ ଭାରତୀୟ ମିଶନ, ପୋଷ୍ଟ କିମ୍ବା ବିଦେଶୀ ଆଞ୍ଚଳିକ ପଞ୍ଜିକରଣ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଯଦି କୌଣସି କାରଣବଶତଃ ସରକାର ଜଣଙ୍କର ଓସିଆଇ ସ୍ଥିତି ପ୍ରତ୍ୟାହାର କରନ୍ତି, ତେବେ କାର୍ଡ ଫେରାଇବା ବାଧ୍ୟତାମୂଳକ ହେବ। କାର୍ଡ ଫେରସ୍ତ ନହେଲେ ମଧ୍ୟ ସରକାର ଏହାକୁ ଅଫିସିଆଲ୍ ଗେଜେଟ୍ ମାଧ୍ୟମରେ ବାତିଲ କରିବାର କ୍ଷମତା ରଖିଛନ୍ତି। ସୂଚନାଯୋଗ୍ୟ ଯେ, ନାଗରିକତା ଆଇନ ୧୯୫୫ରେ ସଂଶୋଧନ କରାଯାଇ ୨୦୦୫ ମସିହାରେ ପ୍ରଥମେ ଓସିଆଇ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏହି ଯୋଜନା ମୁଖ୍ୟତଃ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଭାରତ ସହ ଯୋଡ଼ି ରଖିବା ପାଇଁ ଏକ ମାଧ୍ୟମ ସାଜିଛି।

# ଇସ୍ରାଏଲକୁ ଆମେରିକାର ଯୁଦ୍ଧାସ୍ତ୍ର ପ୍ରେରଣ

ଓ୍ୱାଶିଂଟନ/ତେଲ୍ ଆଭିଭ୍,(ଏଜେନ୍ସି): ବିଶ୍ୱ ରାଜନୀତିର ରଣାଙ୍ଗନ ଏବେ ଏକ ବିସ୍ଫୋରକ ମୋଡ଼ରେ ପହଞ୍ଚିଛି। ଆମେରିକାର ଓ୍ୱାର ପାଓ୍ୱାର୍ସ ଆକ୍ଟ ଅନୁଯାୟୀ ସାମରିକ ଅଭିଯାନ ପାଇଁ ଉଦ୍ଦିଷ୍ଟ ୬୦ ଦିନର ସୀମା ଶେଷ ହେବାକୁ ଯାଉଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ କାଉଣ୍ଟଡାଉନ୍ ଆରମ୍ଭ କରିଦେଇଛନ୍ତି। ସୂଚନା ଅନୁଯାୟୀ, ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଏକ ଗୁପ୍ତ ସାମରିକ 'ବ୍ଲୁ-ପ୍ରିଣ୍ଟ' ପ୍ରଦାନ କରାଯାଇଛି, ଯାହା ମଧ୍ୟପ୍ରାଚ୍ୟର ଭୂ-ରାଜନୈତିକ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବାର ସାମର୍ଥ୍ୟ ରଖୁଛି। ପ୍ରାୟ ୪୫ ମିନିଟର ଏକ ସ୍ୱତନ୍ତ୍ର ବ୍ରିଫିଂରେ ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଶକ୍ତିଶାଳୀ ବୋମାମାଡ଼ କରିବା, ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣକୁ ନେବା ଏବଂ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକରେ ସ୍ପେଶାଲ ଅପରେସନ କରିବା ଭଳି ରଣନୀତି ଉପରେ ଗଭୀର ଆଲୋଚନା ହୋଇଛି। ଟ୍ରମ୍ପ ପ୍ରଶାସନର ଏହି ଆଭିମୁଖ୍ୟ ସ୍ପଷ୍ଟ କରୁଛି ଯେ ଓ୍ୱାଶିଂଟନ ଏବେ ଆଲୋଚନା ଅପେକ୍ଷା ଆକାଶମାର୍ଗରୁ ବୋମା ବର୍ଷଣ କରି ତେହେରାନକୁ ଆଲୋଚନା ଟେବୁଲକୁ ଆଣିବାକୁ ଶ୍ରେୟସ୍କର ମଣୁଛି। ବିଶେଷ କରି ଇରାନର ପରମାଣୁ ଜିଦ୍ ?କୁ ଭାଙ୍ଗିବା ପାଇଁ ଏହା ଏକ ଚୂଡ଼ାନ୍ତ ପ୍ରୟାସ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।

ଏହି ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ପକ୍ଷରୁ ଇସ୍ରାଏଲକୁ ମିଳୁଥିବା ଅକୁଣ୍ଠ ସାମରିକ ସହାୟତା ଯୁଦ୍ଧର ଆଶଙ୍କାକୁ ଆହୁରି ଘନୀଭୂତ କରିଛି। ଗତ ସପ୍ତାହରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇଟି ବିଶାଳ ମାଲବାହୀ ଜାହାଜ ଓ ବିମାନ ଯୋଗେ ପ୍ରାୟ ୬,୫୦୦ ଟନ୍ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ସାମରିକ ଯାନ ଇସ୍ରାଏଲରେ ପହଞ୍ଚିଛି। 'ଅପରେସନ୍ ରୋରିଂ ଲାୟନ' ଆରମ୍ଭ ହେବା ପରଠାରୁ ଆମେରିକା ଏପର୍ଯ୍ୟନ୍ତ ମୋଟ ୧,୧୫,୬୦୦ ଟନରୁ ଅଧିକ ସାମରିକ ସରଞ୍ଜାମ ଇସ୍ରାଏଲକୁ ପଠାଇ ସାରିଲାଣି। ଏହି ବିପୁଳ ଯୁଦ୍ଧ ପ୍ରସ୍ତୁତି ଏବଂ ସେନା ମୁଖ୍ୟଙ୍କ ସହ ଟ୍ରମ୍ପଙ୍କ ନିରନ୍ତର ବୈଠକରୁ ଏହା ପ୍ରତୀୟମାନ ହେଉଛି ଯେ ଆମେରିକା ପ୍ରଶାସନ କଂଗ୍ରେସର ଅନୁମତିକୁ ଅପେକ୍ଷା ନକରି ଯେକୌଣସି ମୁହୂର୍ତ୍ତରେ ଇରାନ ବିରୋଧରେ ଏକ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଯୁଦ୍ଧାସ୍ତ୍ରର ଏହି ପାହାଡ଼ ସଦୃଶ ଗଚ୍ଛିତ ଭଣ୍ଡାର ମଧ୍ୟପ୍ରାଚ୍ୟରେ ଏକ ଭୟଙ୍କର ରକ୍ତପାତର ସଙ୍କେତ ଦେଉଛି। ଅନ୍ୟପକ୍ଷରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଏହି ପରିସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ଓ କ୍ରୋଧ ପ୍ରକାଶ କରିଛନ୍ତି। ପେଜେସ୍କିଆନ୍ ଅଭିଯୋଗ କରିଛନ୍ତି ଯେ ଯେତେବେଳେ ଶାନ୍ତି ପାଇଁ ଆଲୋଚନା ଜାରି ରହିଛି, ସେତିକି ବେଳେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ପୂର୍ବରୁ ଦୁଇଥର ଇରାନ ଉପରେ ଆକ୍ରମଣ କରିସାରିଛନ୍ତି। ଏହାଦ୍ୱାରା ଓ୍ୱାଶିଂଟନ ପ୍ରତି ତେହେରାନର ବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ତୁଟିଯାଇଛି। ଇରାନ ସରକାରଙ୍କ କହିବା ଅନୁଯାୟୀ, ଆମେରିକା ଯୁଦ୍ଧବିରତି ନାମରେ କେବଳ ସମୟ ଗଡ଼ାଉଛି ଏବଂ ପରଦା ପଛରେ ଏକ ବଡ଼ ଧରଣର ବିଶ୍ୱାସଘାତକତା ପାଇଁ ସାମରିକ ବ୍ୟୂହ ରଚନା କରୁଛି। ଟ୍ରମ୍ପଙ୍କ ଏହି ବିସ୍ଫୋରକ ସାମରିକ ରଣନୀତି କେବଳ ମଧ୍ୟପ୍ରାଚ୍ୟର ସ୍ଥିରତା ନୁହେଁ, ବରଂ ବିଶ୍ୱ ଅର୍ଥନୀତି, ବିଶେଷ କରି ତୈଳ ବଜାର ଓ ବିଶ୍ୱ ଶାନ୍ତି ପାଇଁ ଏକ ଶକ୍ତ ଧକ୍କା ହେବାକୁ ଯାଉଛି। ବର୍ତ୍ତମାନର ଏହି ଅସ୍ଥିର ପରିସ୍ଥିତି ସାରା ବିଶ୍ୱକୁ ଏକ ଅନିଶ୍ଚିତ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି।

## ଭାରତକୁ ୧୪୦ ଲକ୍ଷ ଡଲାର ମୂଲ୍ୟର ୨୯୭ ଚୋରି କଳାକୃତି ଫେରାଇଲା ଆମେରିକା

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା ଭାରତରୁ ଚୋରି ହୋଇଥିବା ୨୯୭ଟି ମୂଲ୍ୟବାନ କଳାକୃତି ଓ ପ୍ରାଚୀନ ସାମଗ୍ରୀକୁ ଫେରାଇ ଦେଇଛି। ଏହି ସମସ୍ତ କଳାକୃତିର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୪୦ ଲକ୍ଷ ଡଲାର (ପ୍ରାୟ ୧୪ ନିୟୁତ ଡଲାର) ବୋଲି ଜଣାପଡ଼ିଛି। ନ୍ୟୁୟର୍କରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସାମଗ୍ରୀଗୁଡ଼ିକୁ ଭାରତୀୟ ଦୂତାବାସକୁ ହସ୍ତାନ୍ତର କରାଯାଇଛି। ଏହି କଳାକୃତିଗୁଡ଼ିକ ଅନ୍ତର୍ଜାତୀୟ ଚୋରା ଚାଲାଣକାରୀ ସୁଭାଷ କପୁର ଏବଂ ନାନସୀ ଓ୍ୱାଇନରଙ୍କ ନେଟଓ୍ୱାର୍କରୁ ଜବତ କରାଯାଇଥିଲା। ମୋଟ ୨୯୭ଟି ସାମଗ୍ରୀ ତିନୋଟି ପର୍ଯ୍ୟାୟରେ ଫେରସ୍ତ କରାଯାଇଛି। ମାନହାଟନ ଜିଲ୍ଲା ଆଟର୍ଣ୍ଣିଙ୍କ କାର୍ଯ୍ୟାଳୟ ଏବଂ ହୋମଲ୍ୟାଣ୍ଡ ସିକ୍ୟୁରିଟି ଇନଭେଷ୍ଟିଗେସନ (ଏଚ୍‌ଏସ୍‌ଆଇ) ଦ୍ୱାରା ଦୀର୍ଘ ବର୍ଷର ତଦନ୍ତ ପରେ ଏହି ସଫଳତା ମିଳିଛି। ପ୍ରତ୍ୟାହୃତ ସାମଗ୍ରୀ ମଧ୍ୟରେ ବ୍ରୋଞ୍ଜ ନିର୍ମିତ ଅବଲୋକିତେଶ୍ୱର ମୂର୍ତ୍ତି ସାମିଲ ରହିଛି, ଯାହାର ମୂଲ୍ୟ ୨ ନିୟୁତ ଡଲାର ହେବ ବୋଲି ଅନୁମାନ କରାଯାଉଛି।

## ବାଣିଜ୍ୟିକ ସିଲିଣ୍ଡର୍ ଦରରେ ୯୯୩ ଟଙ୍କା ବୃଦ୍ଧି

ହାଇଦ୍ରାବାଦ,(ଏଜେନ୍ସି): ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ଦେଶର ଜନସାଧାରଣଙ୍କୁ ଲାଗିଛି ଏକ ଶକ୍ତ ଝଟ୍‌କା। ମେ' ୧ ତାରିଖରୁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଅହେତୁକ ବୃଦ୍ଧି କରାଯାଇଛି। ବିଶେଷ କରି ରୋଷେଇ ଇନ୍ଧନ ଉପରେ ନିର୍ଭର କରୁଥିବା ବ୍ୟବସାୟୀଙ୍କ ପାଇଁ ଏହା ଏକ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ତେବେ ସାଧାରଣ ଖାଉଟିଙ୍କ ପାଇଁ ଆଶ୍ୱସ୍ତିର କଥା ହେଉଛି ଯେ ଘରୋଇ ଏଲପିଜି ସିଲିଣ୍ଡର ଦରକୁ ଅପରିବର୍ତ୍ତିତ ରଖାଯାଇଛି। ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ନିଆଯାଇଥିବା ଏହି ନୂଆ ଦର ସାରା ଦେଶରେ କାର୍ଯ୍ୟକାରୀ ହୋଇଛି। ସୂଚନା ଅନୁଯାୟୀ, ମେ ୧ ତାରିଖଠାରୁ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟରେ ଏକକାଳୀନ ୯୯୩ ଟଙ୍କା ବୃଦ୍ଧି ପାଇଛି। ଦିଲ୍ଲୀରେ ଏହି ସିଲିଣ୍ଡରର ମୂଲ୍ୟ ୨,୦୭୮.୫୦ ଟଙ୍କାରୁ ବୃଦ୍ଧି ପାଇ ୩,୦୭୧.୫୦ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବାଇରେ ଏବେ ଏହି ସିଲିଣ୍ଡର ୩,୦୨୪ ଟଙ୍କାରେ ମିଳିବ, ଯାହା ପୂର୍ବରୁ ୨,୦୩୧ ଟଙ୍କା ଥିଲା। କୋଲକାତାରେ ତୈଳ କମ୍ପାନୀଗୁଡ଼ିକ ୯୯୪ ଟଙ୍କା ବୃଦ୍ଧି କରିଥିବା ବେଳେ ସେଠାରେ ନୂଆ ଦର ୩,୨୦୨ ଟଙ୍କା ହୋଇଛି। ଅନ୍ୟପକ୍ଷରେ ଚେନ୍ନାଇରେ ଏକ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୩,୨୩୭ ଟଙ୍କାକୁ ବୃଦ୍ଧି ପାଇଛି। ଗତ ଫେବୃଆରୀ ୨୮ରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବାଣିଜ୍ୟିକ ଏଲପିଜି ମୂଲ୍ୟରେ ଏହା ହେଉଛି ତୃତୀୟ ସଂଶୋଧନ।

ଜାତୀୟ ଚେତନା
JATIYA CHETANA



# ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ: ରାଜ୍ୟପାଳ




ଭୁବନେଶ୍ୱର,(ଜା.ପ୍ର): ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳା 'ପ୍ରଜ୍ଞା ପ୍ରେରଣା'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏନଇପି-୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶକ। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ। ଏହି କର୍ମଶାଳାକୁ ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ। ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି। କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଏବଂ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ମଧ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ଏତତବ୍ୟତୀତ ରାଜ୍ୟପାଳ ଏହା ମଧ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଉଚ୍ଚଶିକ୍ଷାରେ ପ୍ରମୁଖ ସଂସ୍କାର ଆଣିଛି। ଉଚ୍ଚଶିକ୍ଷାରେ ସମାନତାକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷକ କ୍ୟାଡର ସଂରକ୍ଷଣ ଆଇନକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଦକ୍ଷତା ବିକାଶ, ଉଦ୍ୟମିତା ଏବଂ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ଯୁବପିଢ଼ିଙ୍କୁ କେବଳ ଚାକିରି ଖୋଜିବା ପାଇଁ ନୁହେଁ ବରଂ ନବସୃଜନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମଧ ସଶକ୍ତ କରିବା ଉଚିତ। ଜାତୀୟ ଶିକ୍ଷା ନୀତି ୨୦୨୦କୁ ତୃଣମୂଳସ୍ତରରେ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମାଜର ସାମୂହିକ ପ୍ରୟାସ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ଶକ୍ତି ଏବଂ ସମ୍ଭାବନାକୁ ସମାଜ ଏବଂ ଜାତୀୟ ବିକାଶ ପାଇଁ ନିୟୋଜିତ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କର୍ମଶାଳାରେ ଏନଇପି ୨୦୨୦ କାର୍ଯ୍ୟକାରିତା ପାଇଁ ସୁପାରିଶ ଏବଂ ଭବିଷ୍ୟତ କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାର ଆଲୋଚନା ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଶ୍ରମିକ ଦିବସରେ ଶ୍ରମିକ ଏକତା କାର୍ଯ୍ୟକ୍ରମ




ଭୁବନେଶ୍ୱର,(ଜା.ପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଗୁଣ୍ଡିଚାପଡ଼ାଠାରେ ଶ୍ରମିକ ଦିବସରେ ନର୍ଭେରାମ ୱାର୍କର୍ସ ୟୁନିଅନ ର ଶ୍ରମିକ ମିଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୟୁନିଅନର ସଭାପତି କାର୍ତ୍ତିକ କୁମାର ସାହୁ, ଜିଲ୍ଲା ବିଜେପିର ଉପସଭାପତି ଓ ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ନାଏକ ଏବଂ ବିଜେପିର ସମୀର ସାହୁ, ଜ୍ୟୋତିଷଙ୍କର ନାୟକ, ଗୁଣ୍ଡିଚାପଡ଼ା ସମିତିସଭ୍ୟ, ୟୁନିଅନର ସାଧାରଣ ସମ୍ପାଦକ ସରୋଜ କୁମାର ମଲ୍ଲିକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଗଣ ଓ ସମସ୍ତ ସଦସ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ଗଣ ରାଲିର ଆୟୋଜନ କରା ଯାଇଥିଲା। ସର୍ବଶେଷରେ ସାଧାରଣ ସମ୍ପାଦକ ସରୋଜ ମଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା ଅଭିଯୋଗ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିବା ବେଳେ ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବେହେଳା ଓ ସିନିୟର ଛାତ୍ରଙ୍କ ରାଗିଂକୁ ଦାୟୀ କରିଛନ୍ତି ତାଙ୍କ ବାପା। ମୃତ ଛାତ୍ରଙ୍କ ନାଁ ବିଶ୍ୱାସ ସ୍ୱାଇଁ। ସେ ବି.ଟେକ୍ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ପଦ୍ମଲାଭପୁରରେ। ତାଙ୍କ ବାପାଙ୍କ ନାଁ ବସନ୍ତ ସ୍ୱାଇଁ। ସେ ମୟୂରଭଞ୍ଜ ଜିଲ୍ଲାରେ ଚାକିରି କରନ୍ତି। ଗତକାଲି ରାତି ୧୦ଟାରୁ ୧୧ ଭିତରେ ଘଟିଥିଲା ଏହି ଘଟଣା। ତା' ପୂର୍ବରୁ ବିଶ୍ୱାସ ତାଙ୍କ ଘର ଲୋକଙ୍କ ସହିତ ମାତ୍ର ୩ ମିନିଟ୍ ପାଇଁ କଥା ହୋଇଥିଲେ। ରାତି ୯ଟା ୫୮ ରୁ ୧୦ଟା ୧ ପର୍ଯ୍ୟନ୍ତ ବିଶ୍ୱାସ ଘର ଲୋକଙ୍କ ସହିତ କଥା ହୋଇଥିଲେ। ରାତି ପ୍ରାୟ ୧୧ଟା ବେଳକୁ ବିଶ୍ୱାସଙ୍କ ବାପାଙ୍କ ନିକଟକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରିଥିଲେ ଓ ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ପରେ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ୱାସଙ୍କ ସହପାଠୀମାନେ ହୋହଲ୍ଲା କରିବା ସହିତ ଭଙ୍ଗାରୁଜା କରିଥିଲେ। ବିଶ୍ୱାସଙ୍କ ବାପା ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ତାଙ୍କୁ ଏକ ଘରୋଇ ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇସାରିଥିଲା। ବିଶ୍ୱାସ ଏକ ଗାମୁଛା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ ବୋଲି କୁହାଯାଉଛି। ତାଙ୍କ ବାପାଙ୍କ ସୂଚନା ଅନୁଯାୟୀ, ବେଡ୍ ଉପରେ ଚୌକି ଥିଲା। ଫ୍ୟାନ୍‌ରୁ ଏକ ଗାମୁଛା ଝୁଲିଥିଲା। ବିଶ୍ୱାସଙ୍କ ବାପା ବସନ୍ତ ସ୍ୱାଇଁ ଇନ୍‌ଫୋସିଟି ଥାନାରେ ଦେଇଥିବା ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପୁଅର ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟ ସଂପୂର୍ଣ୍ଣ ରୂପେ ଦାୟୀ। ସିନିୟର ପିଲାମାନେ ବାରମ୍ବାର ତାଙ୍କ ପୁଅକୁ ରାଗିଂ କରିଛନ୍ତି। ଏ ସଂପର୍କରେ ପୁଅ ଘରେ ଜଣାଇଥିଲା। ତେଣୁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟକୁ ଜଣାଇଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ୪ର୍ଥ ପର୍ଯ୍ୟାୟରେ ୧୭୦୦ କୋଟିର ପ୍ରକଳ୍ପ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ଗ୍ରାମୀଣ ବିକାଶ ଇତିହାସରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି, ଯାହା ଆଗାମୀ ଦିନରେ ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବାର ସାମର୍ଥ୍ୟ ରଖିଛି। ଭୁବନେଶ୍ୱରରୁ ଆରମ୍ଭ କରି ରାୟଗଡ଼ାର ପାହାଡ଼ିଆ ଅଞ୍ଚଳ ପର୍ଯ୍ୟନ୍ତ ସବୁଠି ଏବେ ବିକାଶର ଗୁଞ୍ଜରଣ ଶୁଣିବାକୁ ମିଳୁଛି, କାରଣ ଗ୍ରାମାଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ଏହି ମହତ୍ୱପୂର୍ଣ୍ଣ ଅଭିଯାନ ଅଧୀନରେ ପ୍ରାୟ ୧୭୦୦ କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯାହା ଓଡ଼ିଶାର ୮ଟି ପ୍ରମୁଖ ଜିଲ୍ଲାର ୮୯୮ଟି ଅପହଞ୍ଚ ଗ୍ରାମକୁ ପକ୍କା ରାସ୍ତା ମାଧ୍ୟମରେ ମୁଖ୍ୟ ସ୍ରୋତ ସହ ଯୋଡ଼ିବ। ରାୟଗଡ଼ାରେ ଆୟୋଜିତ ଏକ ବ୍ୟବସ୍ଥିତ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଗାରିମାମୟ ଉପସ୍ଥିତିରେ ଏହି ଯୁଗାନ୍ତକାରୀ ପଦକ୍ଷେପର ଶୁଭାରମ୍ଭ ହୋଇଛି।ଏହି ଅବସରରେ କେବଳ ରାୟଗଡ଼ା ଜିଲ୍ଲାର ବିକାଶ ପାଇଁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୪ ଜରିଆରେ ୧୭୦୨ କିଲୋମିଟର ଦୈର୍ଘ୍ୟର ପକ୍କା ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ହେବାକୁ ଥିବା ସମସ୍ତ ବ୍ୟୟଭାରକୁ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ବହନ କରିବେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ କହିଛନ୍ତି ଯେ ଏହି ପର୍ଯ୍ୟାୟରେ ବିଶେଷ କରି କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ଜିଲ୍ଲାଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ୮ଟି ଜିଲ୍ଲାରେ ମୋଟ ୮୨୭ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲା ପାଇଁ ପାନୀୟ ଜଳ ଓ ଭିତ୍ତିଭୂମି ସଂକ୍ରାନ୍ତୀୟ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଓଡ଼ିଶାର ଏହି ବିକାଶ ଯାତ୍ରାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ ବଡ଼ ସହାୟତା ମିଳିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କେବଳ ରାୟଗଡ଼ ଓ ମାଲକାନଗିରି ଜିଲ୍ଲାରେ ହିଁ ୪୪୨ଟି ନୂତନ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ରାୟଗଡ଼ାର କୋଲନରା, ମୁନିଗୁଡ଼ା ଓ ରାୟଗଡ଼ ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଯାହା ଦ୍ୱାରା ପ୍ରାୟ ୯୮ଟି ଗ୍ରାମର ଲୋକେ ସିଧାସଳଖ ଉପକୃତ ହେବେ। ଚଳିତ ବର୍ଷ ମୋଟ ୯,୭୦୦ କିଲୋମିଟର ନୂତନ ରାସ୍ତା ଓ ୩୫୦ଟି ନୂଆ ସେତୁ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହା ଓଡ଼ିଶାର ପରିବହନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବ। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଅବସରରେ ଭାବପ୍ରବଣ ହୋଇ କହିଛନ୍ତି ଯେ, ସରକାରଙ୍କ ଲକ୍ଷ୍ୟ କେବଳ ପଥର କିମ୍ବା ସିମେଣ୍ଟର ରାସ୍ତା ତିଆରି କରିବା ନୁହେଁ, ବରଂ ହୃଦୟ ସହ ହୃଦୟକୁ ଯୋଡ଼ିବା ଏବଂ ପ୍ରତିଟି ଗରିବ ମଣିଷ ପାଖରେ ମୌଳିକ ସୁବିଧା ପହଞ୍ଚାଇବା ହେଉଛି ପ୍ରକୃତ ସେବା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମଧ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ୨୬ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରି କହିଛନ୍ତି ଯେ ଆଜି ଏହା ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚି ଗ୍ରାମାଞ୍ଚଳର ଅର୍ଥନୈତିକ ସ୍ଥିତିକୁ ଦ୍ୱିଗୁଣିତ କରିବାରେ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ ଓ ବିଷମକଟକ ବିଧାୟକ ନୀଳମାଧବ ହିକକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ବିକାଶ ପ୍ରସଙ୍ଗରେ ନିଜର ମତ ରଖିଥିଲେ। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶିକା ରୀନା ନାଗର, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଜାମିନୀ ଷଡଙ୍ଗୀ ଏବଂ ରାୟଗଡ଼ା ଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ପ୍ରମୁଖ ଏହି ସଫଳ ଆୟୋଜନରେ ସାମିଲ ହୋଇଥିଲେ।

ଜାତୀୟ ଚେତନା
JATIYA CHETANA

# ବ୍ୟବସ୍ଥାର କଙ୍କାଳ

ଓଡ଼ିଶାର ସାମାଜିକ ଓ ପ୍ରଶାସନିକ ବାତାବରଣରେ ବେଳେବେଳେ ଏଭଳି କିଛି ଘଟଣା ଘଟେ, ଯାହା ମାନବିକତାକୁ ଲଜ୍ଜିତ କରିବା ସହ ଆମର ତଥାକଥିତ ସଭ୍ୟ ସମାଜ ଓ ନିୟମକାନୁନ୍ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ। କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡା ନିଜ ପରଲୋକଗତା ଭଉଣୀର କଙ୍କାଳକୁ ବ୍ୟାଙ୍କ ସମ୍ମୁଖରେ ଥୋଇବା କେବଳ ଜଣେ ବ୍ୟକ୍ତିର ହତାଶା ନୁହେଁ, ବରଂ ଏହା ଆମ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ପ୍ରଶାସନିକ ନିର୍ମମତାର ଏକ ନଗ୍ନ ଚିତ୍ର। ଜଣେ ଶୋକାକୁଳ ଭାଇକୁ ବ୍ୟବସ୍ଥା ଯେତେବେଳେ ମଣିଷ ରୂପେ ନଦେଖି କେବଳ ଏକ 'ପ୍ରଣାଳୀଗତ ସମସ୍ୟା' ବା 'କେସ୍' ରୂପେ ବିଚାର କରେ, ସେତେବେଳେ ଜନ୍ମ ନିଏ ଏଭଳି ଏକ ରୋମଟାଙ୍କୁରା ପରିସ୍ଥିତି। ସ୍ୱାଧୀନତାର ଅମୃତ କାଳରେ ମଧ୍ୟ ଜନଜାତି ଗୋଷ୍ଠୀମାନେ ଭୌଗୋଳିକ, ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ ମୁଖ୍ୟ ସ୍ରୋତର ସୀମାନ୍ତରେ ରହି ଅଣନିଶ୍ୱାସୀ ହେବା ଏକ ଅନସ୍ୱୀକାର୍ଯ୍ୟ ସତ୍ୟ।

୨୦୧୬ ମସିହାରେ କଳାହାଣ୍ଡିର ଦାନ ମାଝୀ ନିଜ ପତ୍ନୀଙ୍କ ଶବକୁ କାନ୍ଧରେ ବୋହି ଚାଲିବା ଦୃଶ୍ୟ ବିଶ୍ୱବ୍ୟାପୀ ଚାଞ୍ଚଲ୍ୟ ଖେଳାଇଥିଲା। ସେତେବେଳେ ତାଙ୍କ ସହ ଥିବା ୧୨ ବର୍ଷର ଶୋକାକୁଳା କନ୍ୟା ଆମ ବ୍ୟବସ୍ଥାର ବିଫଳତାକୁ ମୁକସାକ୍ଷୀ ଭାବେ ଚାହିଁ ରହିଥିଲା। ଆଶା କରାଯାଉଥିଲା ଯେ, ଏଭଳି ଘଟଣା ପରେ ବ୍ୟବସ୍ଥା ବଦଳିବ, ସମ୍ବେଦନଶୀଳତା ଆସିବ। କିନ୍ତୁ କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ଘଟଣା ପ୍ରମାଣ କରୁଛି ଯେ ଆମେ ଆଜି ବି ସେଇ ପାଷାଣମୟ ନିୟମ ଭିତରେ ବନ୍ଦୀ। ଏପ୍ରିଲ ୨୭ ତାରିଖରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମାଲିପୋଷି ଶାଖାରେ ଯାହା ଘଟିଲା, ତାହା କୌଣସି ବିବେକବାନ ମଣିଷ ସହଜରେ ଗ୍ରହଣ କରିପାରିବ ନାହିଁ। ଭଉଣୀର ଆକାଉଣ୍ଟରୁ ପଇସା ଉଠାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଯେତେବେଳେ ମୃତ୍ୟୁ ପ୍ରମାଣପତ୍ର ଓ କାଗଜପତ୍ର ମାଗିଲେ, ସେତେବେଳେ ହୁଏତ ସେମାନେ ନିୟମ ପାଳନ କରୁଥିଲେ। କିନ୍ତୁ ସେମାନେ ଏହା ଭୁଲିଗଲେ ଯେ ଜିତୁ ମୁଣ୍ଡାଙ୍କ ଭଳି ଜଣେ ନିରକ୍ଷର ଓ ଦରିଦ୍ର ମଣିଷ ପାଇଁ ସେହି 'କାଗଜ' ସଂଗ୍ରହ କରିବା ଏକ ଦୁର୍ଲଭ ସ୍ୱପ୍ନ ସଦୃଶ। ଶେଷରେ ଉପାୟଶୂନ୍ୟ ହୋଇ କବର ଖୋଳି କଙ୍କାଳ ଆଣିବା ହିଁ ତାଙ୍କ ପାଇଁ ଶେଷ 'ପ୍ରମାଣ' ଥିଲା। ଏଠାରେ ପ୍ରଶ୍ନ ଉଠେ, ନିୟମ କାହା ପାଇଁ ? ଯଦି ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ବ୍ୟାଙ୍କ କର୍ମଚାରୀ ଦୋଷୀ ନୁହନ୍ତି, କାରଣ ସେମାନେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଓ ବ୍ୟାଙ୍କର ନିୟମାବଳୀ ଅନୁସାରେ କାର୍ଯ୍ୟ କରୁଥିଲେ। କିନ୍ତୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କଲେ, ଏହି ନିୟମ ପ୍ରଣେତାମାନେ ଜିତୁ ମୁଣ୍ଡାଙ୍କ ଭଳି ଉପେକ୍ଷିତ ନାଗରିକଙ୍କ ସ୍ଥିତିକୁ ବିଚାରକୁ ନେଇନାହାନ୍ତି। ଏକ ଆନୁଷ୍ଠାନିକ ସମ୍ବେଦନହୀନତା ଆଜି ବି ଆମ ବ୍ୟବସ୍ଥାର ରକ୍ତମାଂସରେ ମିଶି ରହିଛି। ଜଣେ ମଣିଷ ମରିଗଲା ପରେ ମଧ୍ୟ ତା'ର ପରିବାରକୁ ନିଜର ଅଧିକାର ପାଇଁ 'ମୃତ୍ୟୁର ପ୍ରମାଣ' ଦେବାକୁ ଯେଉଁ ସଂଘର୍ଷ କରିବାକୁ ପଡ଼େ, ତାହା ଗଣତନ୍ତ୍ରର ବିଡ଼ମ୍ବନା। ଏହି ଘଟଣା ଗୋଦାବରୀଶ ମହାପାତ୍ରଙ୍କ 'ମାଗା ମାହାକୁଡ଼' ଉପାଖ୍ୟାନକୁ ମନେ ପକାଇଦିଏ। ମାଗା ମାହାକୁଡ଼ ଯେପରି ସରଳ ବିଶ୍ୱାସରେ ଡାକ୍ତରଙ୍କୁ ପୂରା ଠେକି ଭର୍ତ୍ତି 'ନମୁନା' ଦେଇଥିଲେ, ଜିତୁ ମୁଣ୍ଡା ମଧ୍ୟ ସେମିତି 'ପୂରା ପ୍ରମାଣ' ଥୋଇଦେଲେ। ମାଗାଙ୍କ ଘଟଣାରେ ହୁଏତ ହାସ୍ୟରସ ଥିଲା, କିନ୍ତୁ ଜିତୁଙ୍କ ଘଟଣା ଆମ ମୁହଁରେ ଏକ ଶକ୍ତ ଚାପୁଡ଼ା। ଏହା ଦର୍ଶାଉଛି ଯେ ଆମର ଡିଜିଟାଲ୍ ଇଣ୍ଡିଆ ଏବଂ ସ୍ମାର୍ଟ ଶାସନ ବ୍ୟବସ୍ଥା ଆଜି ବି ଜଣେ ଜନଜାତି ଭାଇର ଶୋକକୁ ବୁଝିବାରେ ଅସମର୍ଥ। ଦାନ ମାଝୀ ହୁଅନ୍ତୁ ବା ଜିତୁ ମୁଣ୍ଡା, ଏମାନେ ସେହି ସାମାଜିକ ସୀମାନ୍ତୀକରଣର ପ୍ରତୀକ ଯେଉଁମାନଙ୍କୁ ଆମର ବ୍ୟବସ୍ଥା କେବଳ ଶୋଷଣ କରି ଜାଣେ କିମ୍ବା ଅବହେଳା କରି ଜାଣେ। ଯଦି ପ୍ରଶାସନ ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ନିଜ ନିୟମ ମଧ୍ୟରେ ମାନବିକତା ଓ ସ୍ଥାନୀୟ ପରିସ୍ଥିତିକୁ ସ୍ଥାନ ନଦିଅନ୍ତି, ତେବେ ଜିତୁ ମୁଣ୍ଡାଙ୍କ ଭଳି କଙ୍କାଳ ବୋହିବାର ଧାରା ବନ୍ଦ ହେବନାହିଁ। ବିକାଶର ନାରା ଦେଉଥିବା ସରକାର ଏବଂ ସଚେତନ ନାଗରିକଙ୍କ ପାଇଁ ଏହା ଏକ ଚେତାବନୀ ଯେ, ଯେପର୍ଯ୍ୟନ୍ତ ବ୍ୟବସ୍ଥା ମଣିଷକୁ 'ମଣିଷ' ଭାବେ ଗ୍ରହଣ କରିନାହିଁ, ସେପର୍ଯ୍ୟନ୍ତ ସମାଜରେ ଏଭଳି ହୃଦୟ ବିଦାରକ ଦୃଶ୍ୟ ପୁନରାବୃତ୍ତି ହେଉଥିବ। ଆଜି ଜିତୁ ମୁଣ୍ଡା ବ୍ୟାଙ୍କ ସାମ୍ନାରେ କଙ୍କାଳ ଥୋଇନାହାନ୍ତି, ବରଂ ଆମର ସମ୍ବେଦନହୀନ ବ୍ୟବସ୍ଥାର କଙ୍କାଳକୁ ସମସ୍ତଙ୍କ ସାମ୍ନାରେ ଉଲଗ୍ନ କରିଦେଇଛନ୍ତି।

ବ୍ୟାଙ୍କ୍ ଭଳି ଆଧୁନିକ ବିତ୍ତୀୟ ଅନୁଷ୍ଠାନମାନେ ସେମାନଙ୍କ ବ୍ୟବସାୟ ପରିଚାଳନାର ଅନ୍ୟତମ ମୂଳମନ୍ତ୍ର ରୂପେ 'ମାନକୀକରଣ' ବା 'ଷ୍ଟାଣ୍ଡାର୍ଡାଇଜେସନ୍'କୁ ଅନୁସରଣ କରିଥାନ୍ତି। ନିଜ କାର୍ଯ୍ୟରେ ସୁସଙ୍ଗତି ନିଶ୍ଚିତ କରିବା, ବ୍ୟକ୍ତିଗତ ମନମୁଖିତାକୁ ପ୍ରତିହତ କରିବା ଏବଂ ଜାଲିଆତି ରୋକିବା ପାଇଁ ବ୍ୟାଙ୍କ୍ ?ମାନେ ସର୍ବଦା ନିର୍ଦ୍ଧାରିତ ନିୟମ ପାଳନ କରିବା ଏକ ବୈଷୟିକ ଆବଶ୍ୟକତା। କିନ୍ତୁ ବିଡ଼ମ୍ବନା ହେଉଛି, ଯେତେବେଳେ ଏହି ନିୟମଗୁଡ଼ିକ ବାସ୍ତବତାଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଖୋଦ୍ ମୁଖ୍ୟ ଲକ୍ଷ୍ୟରେ ପରିଣତ ହୋଇଯାଏ, ସେତେବେଳେ ଯେଉଁ ଫଳାଫଳ ସୃଷ୍ଟି ହୁଏ, ତାହା କାଗଜପତ୍ରରେ ତ୍ରୁଟିଶୂନ୍ୟ ହୋଇଥାଏ ସତ, ଅଥଚ ନୈତିକତା ଓ ମାନବିକତା ଦୃଷ୍ଟିରୁ ଗଭୀର ସମସ୍ୟାଜନକ ହୋଇଥାଏ। ଜିତୁ ମୁଣ୍ଡାଙ୍କ କ୍ଷେତ୍ରରେ ଠିକ୍ ଏୟା ହିଁ ଘଟିଛି। ଆମର ବ୍ୟାଙ୍କ୍ ବ୍ୟବସ୍ଥା ଜିତୁଙ୍କୁ ଏକ କଷ୍ଟକର ପରିସ୍ଥିତି ଦେଇ ଗତି କରୁଥିବା ଜଣେ ଶୋକାକୁଳ ଭାଇ ରୂପେ ନ ଦେଖି ତାଙ୍କୁ କେବଳ ମାତ୍ର ଏକ ପ୍ରଣାଳୀଗତ ସମସ୍ୟା ରୂପେ ବିଚାର କଲା, ଯାହାର ସମାଧାନ କେବଳ କେତେକ ନିର୍ଦ୍ଧାରିତ କାଗଜପତ୍ର ଦାଖଲ ଦ୍ୱାରା ହିଁ ସମ୍ଭବ ବୋଲି ଧରିନିଆଗଲା। ଏହା ଅନସ୍ୱୀକାର୍ଯ୍ୟ ଯେ ସ୍ୱାଧୀନତାର ଅମୃତ କାଳରେ ମଧ୍ୟ ଜନଜାତି ଗୋଷ୍ଠୀମାନେ ଆଜି ବି ଭୌଗୋଳିକ, ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ ମୁଖ୍ୟ ସ୍ରୋତର ସୀମାନ୍ତ ଇଲାକାରେ ଆତଯାତ ହେଉଛନ୍ତି। ଯେତେବେଳେ ସହରୀ ଅମଲାତାନ୍ତ୍ରିକ ଛାଞ୍ଚରେ ସୃଷ୍ଟି ହୋଇଥିବା ବ୍ୟବସ୍ଥାମାନଙ୍କ ସହିତ ଏହି ସୀମାନ୍ତ ଇଲାକାର ଅଂଶ ହୋଇଥିବା ଜଣେ ଦାନ ମାଝୀ କିମ୍ବା ଜିତୁ ମୁଣ୍ଡାଙ୍କର ସଂଘାତ ହୁଏ, ସେତେବେଳେ ତା'ର ପରିଣତି ସ୍ୱରୂପ ଏହିଭଳି ମାନବୀୟ ଟ୍ରାଜେଡି ଜନ୍ମ ନିଏ।

# କୀର୍ତ୍ତି କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ

## ଅମରନାଥ ବାରିକ



ପ୍ରଥମ ଭାଗ

ମନ୍ଦିରମାଳିନୀ ଓଡ଼ିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ। ଏଠାରେ ବିଭିନ୍ନ ବର୍ଗ ଜାତିର ମନୁଷ୍ୟ ବସବାସ କରନ୍ତି। ସେମାନେ ମୁଖ୍ୟତଃ ଗୋପାଳନ ଓ କୃଷି ଉପରେ ନିର୍ଭର କରୁଥିବା ବେଳେ ତନ୍ମଧ୍ୟରୁ କିଛି ମାତ୍ରାର ଲୋକ ବ୍ୟବସାୟ ମଧ୍ୟ କରନ୍ତି। ଯାଜପୁର ଜିଲ୍ଲା ମାନଚିତ୍ରରେ ଏହି ପଞ୍ଚାୟତ ଆଉ ଦୁଇଟି ଜିଲ୍ଲାକୁ ମଧ୍ୟ ସ୍ପର୍ଶ କରିଛି। ତାହା ହେଉଛି ଗୋଟିଏ କେନ୍ଦ୍ରାପଡ଼ା ଜିଲ୍ଲା ଓ ଅନ୍ୟଟି ହେଉଛି ଭଦ୍ରକ ଜିଲ୍ଲା। ତିନୋଟି ଜିଲ୍ଲା ସଙ୍ଗମର କେନ୍ଦ୍ରବିନ୍ଦୁ ପାଲଟିଛି ପୁଣ୍ୟତୋୟା ବୈତରଣୀ ନଦୀ। ଏହି ବୈତରଣୀ ନଦୀର ପଶ୍ଚିମ ଦିଗରେ ମା' ଜୟଚଣ୍ଡୀ ଶକ୍ତି ପୀଠ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବା ବେଳେ ପୂର୍ବ ଦିଗରେ ବାବା ଆଖଣ୍ଡଳମଣିଙ୍କ ଅବସ୍ଥାନ ହୋଇଛି। ଏହି ଶକ୍ତି ପୀଠରୁ ପୂର୍ବ ଆଡ଼କୁ ପ୍ରମୁଖ ପ୍ରବେଶ ପଥ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି। ସେମିତି ଏହି ଶକ୍ତି ପୀଠରୁ ପଶ୍ଚିମ ଆଡ଼କୁ କଟକ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ସ୍ପର୍ଶ କରିଛି। କୟାଁଗୋଲା ନିକଟରେ ବୈତରଣୀ ନଦୀ ସେତୁ ପାର ହେଲେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବୋଡକ ଗ୍ରାମ ଆରମ୍ଭ। ସେହିପରି କୟାଁଗୋଲା ନିକଟସ୍ଥ ଗହିରାପାଳ ଗ୍ରାମ ନିକଟରେ ଥିବା ଏକ ସେତୁ ପାରି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ କନପୁର ଗ୍ରାମ ପଡ଼ିଥାଏ। ଏହି ସୀମା ମଧ୍ୟ ଦେଇ ପ୍ରତ୍ୟେକ ଦିନ ଶହଶହ ଭକ୍ତ ମା' ଜୟଚଣ୍ଡୀଙ୍କ ଆଶୀର୍ବାଦ ନିମନ୍ତେ ଶକ୍ତିପୀଠକୁ ଯାତ୍ରା କରନ୍ତି। ସୂର୍ଯ୍ୟୋଦୋୟ ପୂର୍ବରୁ ସେବାୟତ ମାନେ ମା'ଙ୍କୁ ଶୀତଳ ଜଳରେ ଚୁଆ ଚନ୍ଦନ ହଳଦୀ ଅତର ଲଗାଇ ସ୍ନାନ କରାଇ ଥାଆନ୍ତି। ପରେ ଚନ୍ଦନ ନାଲି ସିନ୍ଦୂର କୁଙ୍କୁମ ସୁବାସ ଅତର ଲଗାଇ ପାଟ ଲୁଗା ପିନ୍ଧାଇ ମନ୍ଦାର ଫୁଲରେ ସଜାଇ ଦିଆଯାଏ। ବିଭିନ୍ନ ସମୟରେ ଭଳିଭଳି ବେଶରେ ମା'ଙ୍କୁ ପୂଜା କରାଯାଏ। ଝୁଣା ଧୂପ ବାସ୍ନାରେ ମନ୍ଦିର ବେଢ଼ା ମହକି ଉଠୁଥାଏ। ହସ୍ତତନ୍ତ ବୁଣାକାରମାନେ ସୂତାରେ ନିର୍ମିତ ରଙ୍ଗିନ ଚାନ୍ଦୁଆ ତିଆରି କରି ମା'ଙ୍କ ପାଇଁ ଅର୍ପଣ କରିଥାନ୍ତି। ମୁଗୁନି ଶିଳା ବେଦୀ ଉପରେ ବସି ମାଆ ଝଟକୁ ଥାଆନ୍ତି। ଏଠାରେ ରହୁଥିବା ପୂଜକ ମାନଙ୍କ ପାରିଶ୍ରମିକ ପାଇଁ ନିକଟରେ ଥିବା ଠାକୁର ଜମି ପ୍ରଦାନ କରାଯାଇଛି। ସେମାନେ ପାଳି କରି ମା'ଙ୍କର ମନଲାଖି ସେବା କରିଥାନ୍ତି।

ବୈଶାଖ ମାସ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମା'ଙ୍କୁ ବେଲ କଦଳୀ ମହୁ ମିଶିରି ଦହି କ୍ଷୀର ମଖନ ଛେନା ଗୁଡ଼ରୁ ତିଆରି ପଣା ଅର୍ପଣ କରାଯାଇ ପଞ୍ଜିକା ଆରମ୍ଭ ହୋଇଥାଏ। ଠିକ୍ ସେମିତି ପରେ ପରେ ଜ୍ୟେଷ୍ଠ ମାସରେ ପଡୁଥିବା ପର୍ବ ପର୍ବାଣୀ ଯେମିତିକି ଗଣପର୍ବ ରଜ ଆଉ ଚନ୍ଦନ ପୂର୍ଣ୍ଣିମା ଭଳି ବିଭିନ୍ନ ଓଷା ବ୍ରତ ଭକ୍ତିର ସହିତ ପାଳନ କରାଯାଇଥାଏ। ଆଷାଢ଼ ମାସରେ ନିଷ୍ଠାର ସହିତ ରଥ ଯାତ୍ରା ପାଳନ କରାଯାଇଥାଏ। ଶ୍ରାବଣ ମାସ ଆରମ୍ଭରେ ସମସ୍ତ ପର୍ବ ସର୍ବୋପରି ରାକ୍ଷୀ ଅର୍ପଣ ଅର୍ଥାତ୍ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ପ୍ରିୟ ଭୋଗ କ୍ଷୀରି ଖେଚୁଡ଼ି ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲାଗିଥାଏ। ଭାଦ୍ରବର ଆଗମନରେ ସଜ କରାଯାଏ ମା'ଙ୍କ ପରିଧାନ ଲାଗି ନୂତନ ପାଟ ବସ୍ତ୍ର। କାରଣ ଆଗ ନୂଆ ବସ୍ତ୍ରରେ ମା'ଙ୍କୁ ପଡୁଆଁ କରି ବଡ଼ ସନ୍ତାନଙ୍କ ପାଇଁ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ। ଏହା କେବଳ ଓଡ଼ିଶାରେ ହିଁ ଏକ ଅନନ୍ୟ ପର୍ବ। ଆଶ୍ୱିନ ପଦାର୍ପଣ କଲେ ହସିଥାଏ ନଈପଠା, କାଶତଣ୍ଡୀ ଫୁଲର ଚାମରରେ ମହକି ଉଠେ ମହା ପାର୍ବଣ। ଯାହା ଶାରଦୀୟ ଦୁର୍ଗା ପୂଜା ନାମରେ ଉଚ୍ଛୁଳିଉଠେ। ମା'ଙ୍କ ପାଖରେ ମହାଅଷ୍ଟମୀ ତିଥିରେ କଖାରୁ ବଳୀପଡ଼େ। ସବୁ ମାସଠାରୁ ଧର୍ମ ମାସ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ ମା'ଙ୍କ ନିକଟରେ। ଘୃତ ଦୀପ ଧୂପ କର୍ପୁର ଆଳତିର ତାଳେ ତାଳେ ବାଜି ଉଠେ ଘଣ୍ଟ ଘଣ୍ଟା ଶଙ୍ଖ ଖୋଳ ମର୍ଦ୍ଦଳ। ହବିଷ ଡାଲମା ଅନ୍ନ ପ୍ରସାଦ ଲାଗିଥାଏ ମା'ଙ୍କୁ। ଓଡ଼ିଆ ଘରର ଝୋଟି ଚିତାକୁ ଦେଖିଲେ ଜାଣିହୁଏ ଲକ୍ଷ୍ମୀପୂଜା ମାଣବସା ଗୁରୁବାର ଆସିଗଲା ବୋଲି। ଯାହା ମାର୍ଗଶିର ମାସରେ ମା'ଙ୍କ ନିକଟରେ ପାଳନ କରାଯାଇଥାଏ। ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ ନାରୀ କେବେବି ଅବଳା, ଦୁର୍ବଳା ନୁହେଁ। ନାରୀ ପୂଜ୍ୟା, ନାରୀ ବନ୍ଦନୀୟା, ନାରୀ ସମ୍ମାନୀୟା, ନାରୀ ଜନନୀ ଭଗିନୀ ଜାୟା କାୟା ନାରୀ ସର୍ବ ଶକ୍ତି ସ୍ୱରୂପିଣୀ। ପୌଷ ମାସରେ ପୌଷ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଇଥାଏ। ନୂଆ ଧାନରୁ ପ୍ରସ୍ତୁତ କରାଯାଏ ମକର ଚାଉଳ। ଯାହା ମାଘ ମାସରେ ପଡୁଥିବା ପବିତ୍ର ମକର ସଂକ୍ରାନ୍ତି ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏଠି। ଗୋପାଳ ଓଗାଳ ରଙ୍ଗ ଅବିର କଥା କହିଲେ ଫାଲଗୁନ ମାସରେ ପଡୁଥିବା ଦୋଳପୂର୍ଣ୍ଣିମା କୁ ବୁଝାଏ ଯାହା ମା'ଙ୍କ ପାଖରେ ମେଳଣ ପର୍ବ ରୂପରେ ପାଳନ କରାଯାଇଥାଏ ଏଠି। ଶେଷରେ ଚୈତ୍ର ମାସରେ ଚଇତି ପୂର୍ଣ୍ଣିମା ଆଉ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଆନନ୍ଦ ସହକାରେ ପାଳନ କରାଯାଇଥାଏ ମା'ଙ୍କ ଶକ୍ତି ପୀଠରେ ।

ଦେଶ ସ୍ୱାଧୀନ ପୂର୍ବରୁ ଜମିଦାର ପ୍ରଥା ରାଜଙ୍କ କଠୋର ଶାସନ କଥା କହିଲେ ଆଜି ବି ଲୋମ ଟାଙ୍କୁରି ଉଠେ। କନିକାର ରାଜା ସୀମା ଅତିକ୍ରମ କରି ଏଠାରେ ରହୁଥିବା ଗରିବ ଖଟିଖିଆ ଲୋକମାନଙ୍କଠାରୁ ଅତିରିକ୍ତ କର ଆଦାୟ କରୁଥିଲେ। ଅତ୍ୟାଚାରିତ ପ୍ରଜା ଝାମ୍ପୁଲା ସିଂହ ମା' ଜୟଚଣ୍ଡୀ ଙ୍କ ଅନୁମତି ନେଇ କନିକା ରାଜାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଥିଲେ। ତାଙ୍କ ଖଣ୍ଡାରେ ମାଆ ଷଡ଼ଭୂଜା ଜୟଚଣ୍ଡୀଙ୍କ ଶକ୍ତି ଥିବାରୁ କନିକା ରାଜା ପରାସ୍ତ ହୋଇଥିଲେ। ଝାମ୍ପୁଲା ସିଂହ ବିଜୟଲାଭ କରିଥିଲା। କିଏ କହେ ମା' ଜୟଚଣ୍ଡୀ କଲିକତାରୁ ଆସିଥିଲେ ତ କିଏ କହେ ଖୋର୍ଦ୍ଧାର ରଥି ଗଡ଼ରୁ ଆସିଥିଲେ। କିଏ କହେ କନିକାର ପଥର ଗଡ଼ରୁ ଆସିଥିଲେ ତ କିଏ କହେ କନିକା ପଳାଇ ଯାଇ ଥାନ୍ତେ। ଇତିହାସରେ ସେମିତି କିଛି ସଠିକ୍ ତଥ୍ୟ ନାହିଁ ଯେ ମାଆ କେମିତି ଆବିର୍ଭାବ ହେଲେ।

ସେ ଯାହା ବି ହେଉ ମା'ଙ୍କର ମହିମା କଥା କହିଲେ ସରିବ ନାହିଁ। ମା' ଜୟଚଣ୍ଡୀଙ୍କର ଭକ୍ତ ଝାମ୍ପୁଲା ସିଂହକୁ ମା କହିଲେ ତୋ ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୋ ସାଙ୍ଗରେ ଯିବି କିନ୍ତୁ ତୁ ମୋତେ ପଛକୁ ଫେରି ଚାହିଁବୁ ନାହିଁ। ଯେଉଁଠି ପଛକୁ ଫେରି ଚାହିଁବୁ ମୁଁ ସେଇ ସ୍ଥାନରେ ରହିଯିବି। ଆଗେ ଆଗେ ଝାମ୍ପୁଲା ଚାଲିଥାଏ। ପଛରେ ମା' ଜୟଚଣ୍ଡୀ ଚାଲୁଥାଆନ୍ତି। ମା'ଙ୍କର ସେ ଚରଣ କମଳରୁ ନୂପୁରର ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦର ଝଙ୍କାର ଶୁଣି ଝାମ୍ପୁଲା ପଛକୁ ଫେରି ନ ଚାହିଁ ଆନନ୍ଦ ମନରେ ଚାଲିଥାଏ। କିଛି ବାଟ ଯିବା ପରେ ମଲ୍ଲିପୁର ଠାରେ ନୂପୁର ଶବ୍ଦ ବନ୍ଦ ହୋଇଗଲା। ଆଗରୁ ଏହି ଅଞ୍ଚଳ ବୃକ୍ଷଲତାରେ ଶୋଭନୀୟ ଥିବାରୁ ମା' ଟିକେ ଲତା ଗହଳରେ ଝୁଲି ଖେଳୁଥିଲେ। ଝାମ୍ପୁଲା ମନରେ ସନ୍ଦେହ ସୃଷ୍ଟି ହେଲା ଆଉ କାହିଁ ନୂପୁର ଶବ୍ଦ ଶୁଭୁନାହିଁ ! ସେ ପଛକୁ ଫେରି ଚାହିଁଦେଲା, ମା କହିଲେ 'ତୁ ମୋତେ ପଛକୁ ଫେରି ଚାହିଁଥିବାରୁ ମୁଁ ଏଇଠି ଅବସ୍ଥାନ କରୁଛି।' ସେହି ଦିନଠାରୁ ମା' ମଲ୍ଲିପୁରଠାରେ ରହି ପୂଜା ପାଇଆସୁଛନ୍ତି। ଦୈନିକ ମା'ଙ୍କୁ ପାଳିକରି ପଣ୍ଡିତମାନେ ପୂଜା କରନ୍ତି। ସେମାନଙ୍କ ମଧ୍ୟରୁ ମାନ ପଣ୍ଡା ବୋଲି ଜଣେ ମଲ୍ଲିପୁର ବରିଷ୍ଠ ପୂଜକ ମା'ଙ୍କର ପ୍ରିୟ ସେବାୟତ ଥିଲେ। ଅତି ନିଷ୍ଠାର ସହିତ ସେ ବିଭିନ୍ନ ବେଶରେ ସଜାଇ ମନ ପ୍ରାଣ ଦେଇ ଭକ୍ତିଭାବରେ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିପାରୁଥିଲେ। ସେଥିପାଇଁ ମାନ ପଣ୍ଡାଙ୍କୁ ମା' ଜୟଚଣ୍ଡୀଙ୍କର ବାପା ବୋଲି ସମ୍ବୋଧନ କରାଯାଏ। ଲୋକେ କୁହନ୍ତି, 'ମାନ ପଣ୍ଡାର ଇଚ୍ଛା ନା ମା' ଜୟଚଣ୍ଡୀଙ୍କର ଇଚ୍ଛା'। କୁହାଯାଏ ଜଣେ ଶଙ୍ଖାରୀ ଦିନେ ଶଙ୍ଖା ବ୍ୟବସାୟ କରିବା ପାଇଁ ଏହି ରାସ୍ତା ଦେଇ ଯାଉଥାଏ। ମା' ଶଙ୍ଖାରୀଠାରୁ କିଛି ଶଙ୍ଖା ରଖିଲେ। ଶଙ୍ଖାରୀ ତା'ର ପଇସା ମାଗିବାରୁ ମା' କହିଲେ, 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ। କହିବେ ତମ ଝିଅ ଶଙ୍ଖା ନେଇଛି।' ଶଙ୍ଖାରୀ ଯାଇ ମାନ ପଣ୍ଡାଙ୍କୁ ପଇସା ମାଗିବାରୁ ମାନ ପଣ୍ଡା କହିଲେ ମୋର କଉ ଝିଅ ତମଠାରୁ ଶଙ୍ଖା ନେଲା କେଉଁଠୁ ନେଲା। ତଥାପି ମାନ ପଣ୍ଡା ପଇସା ଦେଲେ। କାରଣ ସେ ସମୟର ଲୋକେ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ। ପୁଣି ଆଉ ଥରେ ସେହି ବାଟ ଦେଇ ଜଣେ ଲୁଗା ବେପାରୀ ଯାଉଥାଏ। ତା'ଠାରୁ ମା' ପାଟ ଲୁଗା ଖଣ୍ଡେ ରଖି କହିଲେ, 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କଠାରୁ ପଇସା ମାଗି ନେଇଯିବେ।' ଲୁଗା ବେପାରୀ ଆସି ପଇସା ମାଗିବାରୁ ମାନ ପଣ୍ଡା ଚକିତ ହୋଇଗଲେ। କିଏ ବାରମ୍ବାର ମୋ ନାଁ କହି ଜିନିଷ ରଖୁଛି ? ପୁଣି କହୁଛି, 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କଠାରୁ ପଇସା ମାଗି ନେଇଯିବେ।' ଏମିତି କିଛି ସୂତ୍ରରୁ ମାନ ପଣ୍ଡା ଜାଣିପାରିଲେ କି ସେ ହେଉଛନ୍ତି ମୋ ମା' ଜୟଚଣ୍ଡୀ। ବହୁ ଭକ୍ତଙ୍କୁ ମଧ୍ୟ ମା' ସ୍ୱପ୍ନରେ ଦେଖା ଦେଇଛନ୍ତି। ସେହି ସ୍ଥାନରେ ମା' ରାତ୍ରି ସମୟରେ ଖେଳାବୁଲା କରିବାରେ ବହୁତ ଭକ୍ତ ମଧ୍ୟ ନିଜ ଆଖିରେ ଦେଖିଛନ୍ତି। ମା'ଙ୍କର ବ୍ରତ ଉପାସନା କରି ବଡ଼ବଡ଼ ରୋଗ ବ୍ୟାଧିରୁ ମୁକ୍ତି ହେବାରେ ବହୁତ ଭକ୍ତ ମାନେ କୁହନ୍ତି। ତାଙ୍କୁ ଯିଏ ବିଶ୍ୱାସର ସହିତ ଡାକେ ସେ ନିଶ୍ଚୟ କ୍ଳେଶ ଦୁଃଖରୁ ପାରି ହୋଇଥାଏ। ମା'ଙ୍କୁ ଡାକି ଭକ୍ତ ତା'ର ସମସ୍ତ କାର୍ଯ୍ୟ ସଫଳ ହୋଇଛି। ମା'ଙ୍କୁ ଡାକି ହଜିଲା ପୁଅକୁ ଫେରି ପାଇଛି ତା' ମାଆ। ମା'ଙ୍କୁ ଡାକି କାରବାରରେ ଲାଭ ପାଇ ପାରିଛି ବ୍ୟାପାରୀ। ମା'ଙ୍କୁ ଡାକି ବିଦେଶ ଯାତ୍ରା କରିପାରିଛି ଭକ୍ତ। (କ୍ରମଶଃ)

*କୟା, ମଙ୍ଗଳପୁର, ଯାଜପୁର-୭୫୫୦୧୧*
*ଦୂରଭାଷା - ୯୫୪୦୩୦୮୦୯୫*

ଜାତୀୟ ଚେତନା
JATIYA CHETANA



## ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହ -୨୦୨୬

# ଯଶ ଲାଳସାର ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟିକମାନେ ସର୍ଜନାରେ ମଗ୍ନ ରହିବା ଉଚିତ୍




ଭୁବନେଶ୍ୱର,(ଜା.ପ୍ର): ଯଶ ଲାଳସା ସାହିତ୍ୟରେ ବାଧକ ସାଜେ। ଏଥିରୁ ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟିକମାନେ ସର୍ଜନାରେ ମଗ୍ନ ରହିବା ଉଚିତ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାରୁତି ମିଡିଆ ପକ୍ଷରୁ ଆଜି ମିଳିତ ଭାବେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ 'ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହ -୨୦୨୬'ରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ମତ ପୋଷଣ କରିଛନ୍ତି।

ଆଇଆରସି ଭିଲେଜସ୍ଥିତ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍) ପରିସରରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ୟୁସିସିଆଇଏଲ୍ ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ କବି ତଥା ଭାରତ ସରକାରଙ୍କ ପତ୍ର ସୂଚନା ବ୍ୟୁରୋ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସମ୍ମାନିତ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମାରୁତି ମିଡିଆ ନିର୍ଦ୍ଦେଶକ ମନୋଜ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମାରୁତି ମିଡିଆ ସମ୍ପାଦକ ଦିଲୀପ ମିଶ୍ର ପତ୍ରିକା ଓ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଉପଦେଷ୍ଟା କମଳାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, ପ୍ରାବନ୍ଧିକ ଭାସ୍କର ପରିଚ୍ଛା, ଗାଳ୍ପିକା ହିରଣ୍ମୟୀ ମିଶ୍ର ଓ ମୌସୁମୀ ଦାସ୍, କବି ଡକ୍ଟର ଗଣେଶ୍ୱର ଜେନା, ଔପନ୍ୟାସିକା ମନୋରମା ସାହୁ ଏବଂ ପ୍ରାବନ୍ଧିକା ପ୍ରୀତିଛନ୍ଦା ଧଳଙ୍କୁ 'ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମ୍ମାନ -୨୦୨୬' ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ପତ୍ରିକାର ନିୟମିତ ଲେଖକ ପ୍ରଫେସର ଡକ୍ଟର ମୃଣାଳ ଚାଟାର୍ଜୀ, ପ୍ରଦୀପ ପ୍ରମାଣିକ, ଅରୁଣ କୁମାର ନାୟକ, ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ଅନୁସୂୟା ପଣ୍ଡାଙ୍କୁ 'ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ -୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଶିଳ୍ପପତି ସୁନୀଲ ରାଉତ ଓ ପବିତ୍ର ରାଉତରାୟଙ୍କୁ 'ଗେଟ୍‌ୱେ ଓଡ଼ିଶା ପ୍ରିୟ ବନ୍ଧୁ ସମ୍ମାନ -୨୦୨୬' ପ୍ରଦାନ କରାଯାଇଥିଲା। ସାହିତ୍ୟିକ ଡକ୍ଟର ନଟବର ପ୍ରଧାନ, ସଞ୍ଜୟ ବରାଳ ଏବଂ ଜୟ ନାରାୟଣ ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। ପରେ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଶିଷ୍ଟ କବି ତଥା ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସଭାପତି ସୂର୍ଯ୍ୟ ମିଶ୍ର ସଭାପତି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ କବି ସୁବ୍ରତ କୁମାର ସେନାପତି ସଂଯୋଜନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥି କବିମାନେ କବିତା ପାଠ କରିଥିଲେ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମାରୁତି ମିଡିଆ ନିର୍ଦ୍ଦେଶକ ମନୋଜ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ୍ ଅର୍ଥ ଆଦାୟ ଓ ମିଥ୍ୟା ଖବର ପ୍ରସାରଣ ବିରୋଧରେ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ



ଭୁବନେଶ୍ୱର,(ଜା.ପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ଅଙ୍କରାନ୍ତିପୁର ଗ୍ରାମବାସୀଙ୍କୁ ପ୍ରଲୋଭିତ କରି ବେଆଇନ ଅର୍ଥ ଆଦାୟ ଏବଂ ମିଥ୍ୟା ଖବର ପ୍ରସାରଣ ମାଧ୍ୟମରେ ଗ୍ରାମର ହାନୀ ଘଟୁଥିବା କାରଣରୁ ଗ୍ରାମବାସୀ କିଛି ଯୁବକଙ୍କ ବିରୋଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ ଜଣାଇଛନ୍ତି। ପ୍ରକାଶ ଯେ, ଅଙ୍କରାନ୍ତିପୁର ଗ୍ରାମର ଉମାକାନ୍ତ ଜେନା, ବିକି ଜେନା ଓ ଢେଙ୍କାନାଳର ଜଣେ ସାମ୍ବାଦିକ ଏକତ୍ରିତ ହୋଇ ଦୀର୍ଘ ଦିନ ହେବ ଗ୍ରାମରେ ଅଶାନ୍ତି ସୃଷ୍ଟି କରିବା ସହ ଲୋକଙ୍କୁ ଠକିବାରେ ଲିପ୍ତ ରହିଛନ୍ତି। ବିଶେଷ କରି ଆଜକୁ ପ୍ରାୟ ୬୦ ବର୍ଷ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଗତା ନନ୍ଦିନୀ ଶତପଥୀ ତପଥୀଙ୍କ ଦ୍ୱାରା ପ୍ରଦତ ଜମିବାଡି ବିଷୟରେ ଗ୍ରାମବାସୀଙ୍କୁ ବିଭିନ୍ନ ଉପାୟରେ ଉସୁକାଇ ସେମାନେ ମାନସିକ ଚାପ ସୃଷ୍ଟି କରୁଛନ୍ତି। ଉକ୍ତ ବ୍ୟକ୍ତିମାନେ ପ୍ରତ୍ୟେକ ଜମି ପିଛା ୫୦ ହଜାର ଟଙ୍କା ଦାବି କରୁଛନ୍ତି ଏବଂ ନଦେଲେ ସମ୍ବାଦପତ୍ରରେ ମିଥ୍ୟା ତଥ୍ୟ ପ୍ରକା ପ୍ରକାଶ କରି ଗ୍ରାମର ସମ୍ମାନ ହାନୀ କରିବା ପାଇଁ ଖୋଲାଖୋଲି ଧମକ ଦେଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ତଦନ୍ତ କରିବା ସହିତ ଏଭଳି ଅସାମାଜି ଅସାମାଜିକ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗ୍ରାମରେ ଶାନ୍ତି ପ୍ରତିଷ୍ଠ ପ୍ରତିଷ୍ଠା କରିବାକୁ ଶତାଧିକ ଗ୍ରାମବାସୀମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

## ୫,୪୩୨ କେନ୍ଦ୍ରରେ ୨୨.୭୯ ଲକ୍ଷ ପରୀକ୍ଷାର୍ଥୀଙ୍କ 'ନିଟ୍' ପରୀକ୍ଷା ସମ୍ପନ୍ନ

ଭୁବନେଶ୍ୱର,(ଜା.ପ୍ର): ଦେଶ ତଥା ବିଦେଶର ବିଭିନ୍ନ ସହରରେ ଜାତୀୟ ଯୋଗ୍ୟତା ସହ ପ୍ରବେଶିକା ପରୀକ୍ଷା ବା ନିଟ୍ ୟୁଜି-୨୦୨୬ ସଫଳତାର ସହ ଶେଷ ହୋଇଯାଇଛି। ଜାତୀୟ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କଲମ ଓ କାଗଜ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ତେବେ ବିଶେଷ ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ଅଧିକ ସମୟ ପ୍ରଦାନ କରାଯାଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରୀକ୍ଷା ଦେବାକୁ ଅନୁମତି ଦିଆଯାଇଥିଲା। ଏହି ବିଶାଳ ପରୀକ୍ଷା ପାଇଁ ଚଳିତ ବର୍ଷ ପ୍ରାୟ ୨୨.୭୯ ଲକ୍ଷ ପ୍ରାର୍ଥୀ ପଞ୍ଜିକୃତ କରିଥିଲେ, ଯାହା ଏହାକୁ ବିଶ୍ୱର ଅନ୍ୟତମ ବୃହତ ପ୍ରବେଶିକା ପରୀକ୍ଷାର ମାନ୍ୟତା ଦେଇଛି। ଭାରତର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ଥିବା ମୋଟ ୫,୪୩୨ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା।

## ପ୍ରସୂନ ଯୋଶୀ ପ୍ରସାର ଭାରତୀ ଅଧ୍ୟକ୍ଷ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରସିଦ୍ଧ ଗୀତିକାର ପ୍ରସୂନ ଯୋଶୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷଭାବେ ନିଯୁକ୍ତ କରାଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ପ୍ରସୂନ ଯୋଶୀ ଭାରତୀୟ ସିନେମା ଜଗତର ଜଣେ ଜଣାଶୁଣା ଚେହେରା। ସେ ସିନେମା, ବିଜ୍ଞାପନ ଏବଂ ସାହିତ୍ୟରେ ନିଜର ଛାପ ଛାଡ଼ିଛନ୍ତି। ପ୍ରସୂନ ଯୋଶୀଙ୍କ କଲମରୁ ଅନେକ ଚମତ୍କାର ଓ ସ୍ମରଣୀୟ ଗୀତ ଲେଖାଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରସୂନ ଯୋଶୀଙ୍କୁ ପ୍ରସାର ଭାରତୀ ବୋର୍ଡର ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଁ ମୋର ହୃଦୟପୂର୍ଣ୍ଣ ଅଭିନନ୍ଦନ। ସେ ଜଣେ ଅତ୍ୟନ୍ତ ସୃଜନଶୀଳ ବ୍ୟକ୍ତି, ଯାହାଙ୍କ ବିଜ୍ଞାପନ, ସାହିତ୍ୟ, କଳା ଏବଂ ସିନେମାରେ କାର୍ଯ୍ୟକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି। ଏହା ସତ୍ତ୍ୱେ ତାଙ୍କ ହୃଦୟ ଭାରତ ପାଇଁ ନିରନ୍ତର ସ୍ପନ୍ଦିତ ହୋଇ ରହିଛି। ଅଶ୍ୱିନୀ ବୈଷ୍ଣବ ଆହୁରି କହିଛନ୍ତି ଯେ ପ୍ରସୂନ ଯୋଶୀଙ୍କ ନେତୃତ୍ୱରେ, ପ୍ରସାର ଭାରତୀ ନୂଆ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଓ ଏକ ତାଜା ସୃଜନାତ୍ମକ ସ୍ୱର ଖୋଜିବ। ତାଙ୍କ ପାଇଁ ଏକ ସ୍ମରଣୀୟ ଓ ସାର୍ଥକ କାର୍ଯ୍ୟକାଳ ପାଇଁ ମୋର ହାର୍ଦ୍ଦିକ ଶୁଭକାମନା।

## ଗୁରୁଗ୍ରାମଠାରେ ଅଷ୍ଟମ ରଜ ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ନୂଆଦିଲ୍ଲୀ / ଗୁରୁଗ୍ରାମ,(ଏଜେନ୍ସି): ଗୁରୁଗ୍ରାମଠାରେ ଅଷ୍ଟମ ରଜ ମହୋତ୍ସବ ପାଇଁ ଏବେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଉଛି। 'ରଜ' ଓଡ଼ିଶାର ସବୁଠୁ ବୃହତ ଓ ଲୋକପ୍ରିୟ ପର୍ବ ଭାବରେ ବିଶ୍ୱବିଦିତ। ରାଜ୍ୟର ଉତ୍କର୍ଷତା, ଉତ୍କୃଷ୍ଟତା ଓ ଉପାଦେୟତାକୁ ଜାତୀୟ ରାଜଧାନୀ କ୍ଷେତ୍ରରେ ପରିଚିତ ଓ ପ୍ରତିପାଦିତ କରିବା ପାଇଁ ଏହି ଉତ୍ସବ ଅଭିପ୍ରେତ। ମାତୃ ଉପାସନା ପାଇଁ ଉଦ୍ଦିଷ୍ଟ ଏହି ମହା ପାର୍ବଣ, ମାଟି ମା' ଯେତେବେଳେ ମୌସୁମୀ ଆଗମନ କାଳରେ ଗର୍ଭ ଧାରଣ ପାଇଁ ପ୍ରସ୍ତୁତ ହୁଏ ସେତେବେଳେ ପାଳନ କରାଯାଇଥାଏ। କଳିଙ୍ଗ ଭାରତୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ମହାସମାରୋହ, ଆଗାମୀ ଜୁନ ୧୩ ଓ ୧୪ ତାରିଖ ଦୁଇଦିନ ଧରି ସନ୍ଧ୍ୟା ୫ରୁ ରାତି ୧୦ ଟା ପର୍ଯ୍ୟନ୍ତ ଗୁରୁଗ୍ରାମର ଚାରି ନମ୍ବର ସେକ୍ଟର ସ୍ଥିତ ହୁଡ଼ା କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରାୟ ପନ୍ଦର ହଜାର ପ୍ରବାସୀ ଓଡ଼ିଆ ଓ ଓଡ଼ିଶାପ୍ରେମୀ ଜନସାଧାରଣଙ୍କର ଏହି ସମାବେଶରେ ସମାଗମ ଘଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ମହୋତ୍ସବରେ ବରେଣ୍ୟ ଅତିଥି ଭାବରେ ମନ୍ତ୍ରୀ, ବରିଷ୍ଠ ପ୍ରଶାସକ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।




ଅଷ୍ଟମ ରଜ ମହୋତ୍ସବର କେନ୍ଦ୍ରୀୟ ବିଷୟ ବସ୍ତୁ ଭାବରେ ଆସନ୍ତୁ, ଦେଖନ୍ତୁ, ଆଂଚଳିକ ବିବିଧତା ସତ୍ତ୍ୱେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଦେଶ ମଧ୍ୟରେ କିଭଳି ଅନନ୍ୟ ସମନ୍ୱୟ ପ୍ରତିଷ୍ଠିତ ହୋଇଛି- 'ଦେଖୋ ଅପନା ଦେଶ'। ଆୟୋଜକ କଳିଙ୍ଗ ଭାରତୀ ଫାଉଣ୍ଡେସନର ପ୍ରତିଷ୍ଠାତା ଜାତୀୟ ସଭାପତି ଓ ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲଙ୍କ ଦ୍ୱାରା ପରିକଳ୍ପିତ ଏବଂ ପରିସ୍ଫୁଟିତ ଏହି ମହୋତ୍ସବରେ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ପରମ୍ପରା, ପରିପାଟୀ ଏବଂ ବ୍ୟଞ୍ଜନର ଅପୂର୍ବ ସମାହାର ଘଟିବ ବୋଲି ଜଣାଯାଇଛି। ସମଗ୍ର ଉତ୍ତର ଭାରତ ବିଶେଷ କରି ହରିୟାଣାର ରଙ୍ଗାରଙ୍ଗ ସାଂସ୍କୃତିକ ବୈଭବକୁ ଓଡ଼ିଶା ମାଟିର ମହାନତା ଓ ମହାନୀୟତା ସହିତ ସଂଯୁକ୍ତ କରିବା ଏହି ଉତ୍ସବର ଅସଲ ଉଦ୍ଦେଶ୍ୟ। ୨୦୪୭ ମସିହାରେ, ବିକଶିତ ଭାରତର ଗଠନ କରିବାର ମହାନ ଲକ୍ଷ୍ୟକୁ ହାସଲ କରିବା ଅଭିପ୍ରାୟରେ ଅବିଳମ୍ବେ ବିକଶିତ ଓଡ଼ିଶା ଓ ବିକଶିତ ହରିୟାଣା ଗଢି ତୋଳିବା ପାଇଁ ଏହି ମହୋତ୍ସବ ଉତ୍ସର୍ଗୀକୃତ।

ଏହି ଦୁଇ ଦିନିଆ ସାଂସ୍କୃତିକ ମହାକୁମ୍ଭର ମୁଖ୍ୟ ଆକର୍ଷଣ ହେବ ଜାତୀୟ ଲୋକନୃତ୍ୟ ମହୋତ୍ସବ। ମଞ୍ଜକଳା ଉତ୍ସବ ନାମରେ ନାମିତ, ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା, ହରିୟାଣା, ରାଜସ୍ଥାନ, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଉତ୍ତର ପ୍ରଦେଶରୁ ଆସିବାକୁ ଥିବା ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କର ପାରଦର୍ଶୀ ପ୍ରତିଭା ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବେ। ଏହା ସହିତ ବହୁ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସ୍ଥାନୀୟ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କର ଜାଦୁଗରୀ ନୃତ୍ୟର ଝଲକ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ରଜ ମହୋତ୍ସବ ଓ ମଞ୍ଜକଳା ଉତ୍ସବର ଅନ୍ୟାନ୍ୟ ବିଶେଷ ଆକର୍ଷଣଗୁଡ଼ିକ ମଧ୍ୟରେ କୋଡ଼ିଏଟି ନାନା କିସମ ସାମଗ୍ରୀର ଷ୍ଟଲ, ଖାଣ୍ଟି ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟର ମହଜୁଦି, ରଜ ଦୋଳିର ଉପଲବ୍ଧି, ସ୍ୱତନ୍ତ୍ର ରଜ ପାନ ବଣ୍ଟନର ବ୍ୟବସ୍ଥା, ରଜ ରାଣୀ ଓ ରଜ କୁମାରୀ ଚୟନ, ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ମୁରୁଜ, ଝୋଟି, କୌତୁକ ପୋଷାକ ପରିଧାନ, ଚିତ୍ର ଅଙ୍କନ ଏବଂ ଲକି ଡ୍ର ମାଧ୍ୟମରେ ବହୁ ଆକର୍ଷକ ପୁରସ୍କାର ବିତରଣ ଆଦି ସ୍ଥାନ ପାଇବାକୁ ଯାଉଥିବା ଜଣାଯାଇଛି।

ଏହି କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ପ୍ରବେଶ ଶୁଳ୍କ ରହିତ ବୋଲି ମୁଖ୍ୟ ଆୟୋଜକ ଇଞ୍ଜିନିୟର ଅକ୍ଷୟ କୁମାର ସାମଲ ପ୍ରକାଶ କରିଛନ୍ତି। ରାଜଧାନୀ କ୍ଷେତ୍ରରେ ବସବାସ କରୁଥିବା ଷୋହଳ ଲକ୍ଷ ଓଡ଼ିଆ, ବହୁ ସଂଖ୍ୟାରେ ଆସି ଏହି ରଜ ମହୋତ୍ସବରେ ଭାଗ ନେବାକୁ ସେ ନିବେଦନ କରିଛନ୍ତି। ଓଡ଼ିଶାର ଅପାର ପ୍ରାଚୁର୍ଯ୍ୟ, ଅଜସ୍ର ମାଧୁର୍ଯ୍ୟ ଏବଂ ଅନନ୍ୟ ଚାତୁର୍ଯ୍ୟକୁ ଅଙ୍ଗେ ନିଭାଇବା ପାଇଁ ଏହା ଏକ ପ୍ରକୃଷ୍ଟ ଅବସର ବୋଲି ଇଞ୍ଜିନିୟର ସାମଲ ଦର୍ଶାଇଛନ୍ତି। ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ମାନବିକତା, ସୌହାର୍ଦ୍ଦ୍ୟତା ଏବଂ ଭାତୃତ୍ୱର ଦୃଢ଼ ବନ୍ଧନରେ ସମସ୍ତଙ୍କୁ ଏକତ୍ର କରିବା ରଜ ମିଳନର ମୁଖ୍ୟ ଲକ୍ଷ୍ୟ ବୋଲି ଶ୍ରୀ ସାମଲ ସୂଚାଇଛନ୍ତି।

ଜାତୀୟ ଚେତନା
JATIYA CHETANA






ସମୟର ସ୍ରୋତ ଅତି ଅଜବ। ଏହା କେବଳ ବୟସ ବଢ଼ାଏ ନାହିଁ, ବରଂ ସମ୍ପର୍କର ପରିଭାଷାକୁ ମଧ୍ୟ ବଦଳାଇ ଦିଏ। ଶିବାନୀ ଆଜି ସେହି ପୁରୁଣା କାନ୍ଥକୁ ଚାହିଁ ରହିଥିଲା, ଯେଉଁଠି ବାପାଙ୍କର ଏକ ବିଶାଳ ଫଟୋ ଟଙ୍ଗା ହୋଇଛି। ସେହି ଫଟୋରେ ବାପାଙ୍କ ଆଖିରେ ଏକ ଅଜବ ପ୍ରକାରର ତେଜ ଥିଲା, ଯାହା ଆଜି ବୟସର ଭାରରେ ଧୀରେ ଧୀରେ ମଳିନ ପଡ଼ିଯାଇଛି। ବାପା ଆଜି ନିଃସଙ୍ଗ। ତାଙ୍କ ଚାରିପାଖରେ ଏକ ବିଶାଳ ପରିବାର ଥିଲେ ମଧ୍ୟ ସେ ନିଜକୁ ଏକା ଅନୁଭବ କରୁଛନ୍ତି। ଝିଅମାନେ ବୋଧହୁଏ ବାପାଙ୍କ ହୃଦୟକୁ ଅଧିକ ଗଭୀର ଭାବେ ବୁଝିପାରନ୍ତି। ପୁଅମାନେ ବଡ଼ ହେଲେ, ସହରକୁ ଗଲେ, ସେମାନଙ୍କର ନିଜସ୍ୱ ଦୁନିଆ ଗଢ଼ିଲେ। ସେମାନଙ୍କ ପାଇଁ ବାପା ଏବେ କେବଳ ଏକ ଦାୟିତ୍ୱ ମାତ୍ର, କିନ୍ତୁ ଶିବାନୀ ପାଇଁ ସେ ତା'ର ସାରା ଜୀବନର ସମ୍ବଳ।

ଘରର ବାତାବରଣ ଆଜି କେମିତି ଗୁମସୁମ ଲାଗୁଛି। ବାପାଙ୍କର ସେହି କାଶର ଶବ୍ଦ ଆଜି ଅଗଣାରେ ଶୁଭୁନାହିଁ। ସେ ଦିନେ ଏହି ଘରର ପ୍ରତିଟି କୋଣକୁ ନିଜ ଶାସନ ଏବଂ ସ୍ନେହରେ ବାନ୍ଧି ରଖିଥିଲେ। କିନ୍ତୁ ସମୟର ପରିବର୍ତ୍ତନ ସହ ସବୁକିଛି ବଦଳି ଯାଇଛି। ବଡ଼ ପୁଅ ଅବିନାଶ ସହରରେ ଏକ ବଡ଼ ଚାକିରି କରେ। ତା' ପାଖରେ ସମୟ ନାହିଁ ବାପାଙ୍କ ପାଖରେ ବସି ଦୁଇ ପଦ କଥା ହେବା ପାଇଁ। ମଝିଆ ପୁଅ ସନ୍ତୋଷ ମଧ୍ୟ ନିଜ ବ୍ୟବସାୟରେ ବ୍ୟସ୍ତ। ଶିବାନୀ ଭାବୁଥିଲା, ଏମାନେ କ'ଣ ସେହି ପିଲା, ଯେଉଁମାନେ ଦିନେ ବାପାଙ୍କ କାନ୍ଧରେ ବସି ମେଳା ଦେଖିବାକୁ ଯାଉଥିଲେ ? କୁଆଡ଼େ ଗଲା ସେହି ସ୍ନେହ ? ମଣିଷ ବୋଧହୁଏ ମେସିନ୍ ପାଲଟିଯାଏ, ଯେତେବେଳେ ସେ ସଫଳତାର ଶୀର୍ଷରେ ପହଞ୍ଚେ।

ବାପାଙ୍କର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେଉଛି। ତାଙ୍କର କମ୍ପିତ ହାତରେ ଯେତେବେଳେ ସେ ଜଳ ଗ୍ଲାସଟିଏ ଧରନ୍ତି, ଶିବାନୀର ଆଖି ଲୁହରେ ଭରିଯାଏ। ସେ ମନେ ପକାଏ, ଏହି ହାତ ଦିନେ ତାକୁ ପେନ୍ ଧରିବା ଶିଖାଇଥିଲା, ଜୀବନର ଲଢ଼େଇ ଲଢ଼ିବା ପାଇଁ ସାହସ ଦେଇଥିଲା। ଆଜି ସେହି ସାହସୀ ମଣିଷ ଜଣକ ନିଜର ସାମାନ୍ୟ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ। ସେଦିନ ସନ୍ଧ୍ୟାରେ ବାପା ଖୁବ୍ ନୀରବ ହୋଇ ବସିଥିଲେ। ଶିବାନୀ ତାଙ୍କ ପାଖକୁ ଯାଇ ପଚାରିଲା, 'ବାପା, କ'ଣ ଭାବୁଛ ?' ବାପା ଧୀରେ ହସିଲେ। ସେହି ହସରେ କିନ୍ତୁ ଏକ ଗଭୀର ବେଦନା ଲୁଚି ରହିଥିଲା। ସେ କହିଲେ, 'ଝିଅ, ଜୀବନଟା ଏମିତି। ଆମେ ଯାହାକୁ ନିଜର ଭାବି ସାରା ଜୀବନ ବିତାଇ ଦେଉ, ଶେଷରେ ଜଣାପଡ଼େ ଯେ ଆମେ ଏକୁଟିଆ ଆସିଥିଲେ ଏବଂ ଏକୁଟିଆ ହିଁ ଯିବାକୁ ହେବ।'

ଶିବାନୀ କିଛି କହିପାରିଲା ନାହିଁ। ତା' ଗଳାରେ କୋହ ଜମାଟ ବାନ୍ଧିଗଲା। ସେ ବୁଝିପାରୁଥିଲା ଯେ ବାପା କେବଳ ଶାରୀରିକ ଭାବେ ଅସୁସ୍ଥ ନୁହନ୍ତି, ବରଂ ମାନସିକ ଭାବେ ଖୁବ୍ ଭାଙ୍ଗି ପଡ଼ିଛନ୍ତି। ପୁଅମାନଙ୍କର ଅବହେଳା ତାଙ୍କୁ ଭିତରୁ କୋରେଇ କୋରେଇ ଖାଉଛି। କିନ୍ତୁ ସେ ଜଣେ ଆଦର୍ଶ ପିତା। ସେ କେବେ ବି ସେମାନଙ୍କୁ କିଛି ଅଭିଶାପ ଦିଅନ୍ତି ନାହିଁ। ବରଂ ସବୁବେଳେ ଆଶୀର୍ବାଦ କରନ୍ତି। ଏହା ହିଁ ହେଉଛି ବାପାଙ୍କର ବଡ଼ପଣ। ଶିବାନୀ ନିଜ ସ୍ୱାମୀଙ୍କ ସହ ପରାମର୍ଶ କଲା। ତାଙ୍କ ସ୍ୱାମୀ ଜଣେ ଉଦାର ମନା ବ୍ୟକ୍ତି। ସେ କହିଲେ, 'ଶିବାନୀ, ତୁମ ବାପା ଆମ ସମସ୍ତଙ୍କର ବାପା। ଆମେ ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ସେବା କରିବା।' ଏହି କଥାଟି ଶିବାନୀକୁ ଖୁବ୍ ଶାନ୍ତି ଦେଲା।

ସମୟ ବିତିବା ସହ ବାପାଙ୍କର ଅବସ୍ଥା ଆହୁରି ଜଟିଳ ହେଲା। ପୁଅମାନେ ଆସିଲେ, କିନ୍ତୁ ସେମାନଙ୍କ ଆଖିରେ ବାପାଙ୍କ ପାଇଁ ଚିନ୍ତା ଅପେକ୍ଷା କାର୍ଯ୍ୟାଳୟର ବ୍ୟସ୍ତତା ଅଧିକ ଦିଶୁଥିଲା। ସେମାନେ ଆସିଲେ, କିଛି ଟଙ୍କା ଦେଲେ ଏବଂ ଔଷଧ କିଣିବାକୁ କହି ଫେରିଗଲେ। ସେମାନେ ବୁଝିଲେ ନାହିଁ ଯେ ବାପାଙ୍କୁ ଟଙ୍କା ନୁହେଁ, ବରଂ ତାଙ୍କ ପାଖରେ ବସି ଦୁଇ ପଦ କଥା ହେବାର ଲୋଭ ଥିଲା। ସେଦିନ ରାତିରେ ବାପା ଧୀରେ ଧୀରେ ଶିବାନୀକୁ ପାଖକୁ ଡାକିଲେ। ତାଙ୍କ ଶ୍ୱାସର ଗତି ଧୀମେଇ ଆସୁଥିଲା। ସେ କହିଲେ, 'ମୋର ସମୟ ହୋଇଗଲାଣି। କିନ୍ତୁ ଗୋଟିଏ କଥା ମନେ ରଖିବୁ, ସମ୍ପର୍କର ମୂଲ୍ୟ କେବେ ବି ଟଙ୍କାରେ ତୁଳନା କରିବୁ ନାହିଁ। ମଣିଷ ତା'ର ପଛରେ କେବଳ ତା'ର ଭଲ ଗୁଣ ଏବଂ ଭଲ ପାଇବା ହିଁ ଛାଡ଼ିଯାଏ।'

ସେହି ରାତି ହିଁ ଥିଲା ବାପାଙ୍କର ଶେଷ ରାତି। ସେ ସବୁଦିନ ପାଇଁ ଆଖି ବୁଜି ଦେଲେ। ଘରଟା ହଠାତ୍ ନିଶବ୍ଦ ହୋଇଗଲା। ପୁଅମାନେ କାନ୍ଦିଲେ, କିନ୍ତୁ ସେହି କାନ୍ଦରେ କେତେ ଆନ୍ତରିକତା ଥିଲା ତାହା କେବଳ ସେମାନଙ୍କୁ ଜଣା। ଶିବାନୀ କିନ୍ତୁ କାନ୍ଦିଲାନାହିଁ। ସେ ଜାଣିଥିଲା ଯେ ବାପା ତା' ପାଇଁ ମରିନାହାନ୍ତି, ବରଂ ତା'ର ସ୍ମୃତିରେ ସବୁଦିନ ପାଇଁ ବଞ୍ଚି ରହିବେ। ସେ ବାପାଙ୍କର ଶେଷ କୃତ୍ୟ ସମ୍ପନ୍ନ କଲା। ଗାଁ ଲୋକେ କହୁଥିଲେ, ଧନ୍ୟ ଏଇ ଝିଅ। ଯାହା ପୁଅମାନେ କରିପାରିଲେ ନାହିଁ, ତାହା ଝିଅ କରି ଦେଖାଇଲା।

ଆଜି ବାପା ନାହାନ୍ତି, କିନ୍ତୁ ତାଙ୍କର ସେହି ଶିକ୍ଷା ଶିବାନୀ ପାଖରେ ଅଛି। ସେ ନିଜ ସନ୍ତାନମାନଙ୍କୁ ସେହି ସଂସ୍କାର ଦେଉଛି, ଯାହା ବାପା ତାକୁ ଦେଇଥିଲେ। ସେ ଜାଣେ ଯେ, ବେଦନାର ଏହି ପଥରେ ଚାଲିବା କଷ୍ଟକର, କିନ୍ତୁ ଯଦି ହାତରେ ଭଲ ପାଇବାର ବାଡ଼ିଟିଏ ଥାଏ, ତେବେ କୌଣସି ବି ବାଧା ଆମକୁ ଅଟକାଇ ପାରିବ ନାହିଁ। ରାଧା ବିନୋଦ ନାୟକଙ୍କ ଗଳ୍ପର ଭାବନା ପରି, ଜୀବନ ହେଉଛି ଏକ ବୃକ୍ଷ, ଯାହାର ମୂଳ ହେଉଛନ୍ତି ପିତାମାତା। ଯଦି ମୂଳ ଶୁଖିଯାଏ, ତେବେ ଗଛ କେବେ ବି ସବୁଜ ରହିପାରିବ ନାହିଁ।

ଅତୀତର ସେହି ଦିନଗୁଡ଼ିକ ଆଜି ଏକ କାହାଣୀ ପାଲଟିଯାଇଛି। କିନ୍ତୁ ସେହି କାହାଣୀରୁ ମିଳୁଥିବା ଶିକ୍ଷା ସବୁଦିନ ପାଇଁ ପ୍ରାସଙ୍ଗିକ। ମଣିଷର ଜୀବନ ସୀମିତ, କିନ୍ତୁ ସମ୍ପର୍କର ମହକ ଅସୀମ। ବାପାଙ୍କର ସେହି ବେଦନାଭରା କଣ୍ଠସ୍ୱର ଆଜି ମଧ୍ୟ ଶିବାନୀକୁ କର୍ତ୍ତବ୍ୟ ପଥରେ ଚାଲିବାକୁ ପ୍ରେରଣା ଦିଏ। ଏହା ହିଁ ହେଉଛି ସତ୍ୟ। ଏହା ହିଁ ହେଉଛି ଜୀବନର ପ୍ରକୃତ ଉଦ୍ଦେଶ୍ୟ। ସମସ୍ତ ବ୍ୟସ୍ତତା ଭିତରେ ମଧ୍ୟ ଆମେ ଯଦି ଆମର ବୟସ୍କ ପିତାମାତାଙ୍କୁ ଟିକେ ସମୟ ଦେଇପାରିବା, ତେବେ ତାହା ହିଁ ହେବ ଭଗବାନଙ୍କର ସବୁଠାରୁ ବଡ଼ ପୂଜା। ବେଦନାର ବେପଥୁ ଆମ ସମସ୍ତଙ୍କ ଭିତରେ ସେହି ସଚେତନତା ଜାଗ୍ରତ କରୁ, ଯେଉଁଥିରେ ସମ୍ପର୍କର ସୁରଭି ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିବ।

ସେଦିନର ସେହି କାଳବୈଶାଖୀ ପରେ ଆକାଶ ନିର୍ମଳ ହୋଇଯାଇଥିଲା, ଠିକ୍ ଯେମିତି ଶିବାନୀର ମନ। ବାପାଙ୍କର ଶେଷକୃତ୍ୟ ସାରି ଘରକୁ ଫେରିଲା ବେଳକୁ ଅଗଣାରେ ଥିବା ସେହି ପୁରୁଣା ଆମ୍ବ ଗଛଟା ଅନେକ ପତ୍ର ଝଡ଼ାଇ ସାରିଥିଲା। ପୁଅମାନେ ନିଜ ନିଜ ଗାଡ଼ିରେ ସହରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲେ। ସେମାନଙ୍କ ଆଖିରେ ଏବେ ବି ସେହି ବ୍ୟସ୍ତତା, କିନ୍ତୁ ଶିବାନୀ ପାଇଁ ସମୟ ଯେମିତି ସେଇଠି ଅଟକି ଯାଇଥିଲା। ସେ ବୁଝିପାରୁଥିଲା ଯେ ମଣିଷର ଅନ୍ତ ଘଟେ, କିନ୍ତୁ ସମ୍ପର୍କର ସ୍ପନ୍ଦନ କେବେ ଥମିଯାଏ ନାହିଁ। ବାପା ତାଙ୍କ ବେଦନାର ବେପଥୁକୁ ଶିବାନୀର ସେବା ଓ ଭକ୍ତି ଭିତରେ ଲୀନ କରିଦେଇ ଚାଲିଗଲେ।

ରାତିର ନିଶବ୍ଦତା ଭିତରେ ଶିବାନୀ ଯେତେବେଳେ ବାପାଙ୍କ ଖାଲି ପଡ଼ିଥିବା ଶେଯ ପାଖରେ ବସିଲା, ତାକୁ ଲାଗିଲା କେହି ଯେମିତି ତା' ମୁଣ୍ଡରେ ହାତ ରଖି ଆଶୀର୍ବାଦ କରୁଛି। ସେହି ସ୍ପର୍ଶରେ କୌଣସି ଶାରୀରିକ ଅସ୍ତିତ୍ୱ ନଥିଲା, କିନ୍ତୁ ଏକ ଅଦୃଶ୍ୟ ଶକ୍ତି ଥିଲା। ସେ ଅନୁଭବ କଲା ଯେ ବାପା କେଉଁଆଡ଼େ ଯାଇନାହାନ୍ତି, ସେ ତା'ର ପ୍ରତିଟି ଶ୍ୱାସରେ, ତା'ର ପ୍ରତିଟି କାମରେ ଏବଂ ତା'ର ସଂସ୍କାର ଭିତରେ ଜୀବନ୍ତ ଅଛନ୍ତି। ଝିଅମାନେ ବୋଧହୁଏ ସେଇଥିପାଇଁ ଶେଷ ପର୍ଯ୍ୟନ୍ତ ନିଜର ହୋଇ ରହିଥାନ୍ତି।

ସମୟର ଏହି ବିଶାଳ ପ୍ରବାହରେ କେତେ ଜନ୍ମ ହୁଅନ୍ତି ଓ କେତେ ମୃତ୍ୟୁବରଣ କରନ୍ତି, କିନ୍ତୁ 'ବେଦନାର ବେପଥୁ' ପରି ଗଳ୍ପଗୁଡ଼ିକ ସମାଜକୁ ମନେ ପକାଇ ଦିଅନ୍ତି ଯେ ବୟସ୍କ ପିତାମାତା ହେଉଛନ୍ତି ଆମର ଜୀବନ୍ତ ଇତିହାସ। ସେମାନଙ୍କୁ ସମ୍ମାନ ଦେବା ଅର୍ଥ ନିଜକୁ ସମ୍ମାନ ଦେବା। ଶିବାନୀ ନିଜ ଲୁହକୁ ପୋଛି ଏକ ନୂଆ ସକାଳର ପ୍ରତୀକ୍ଷାରେ ଛିଡ଼ା ହେଲା। ସେ ଜାଣିଥିଲା, ବାପାଙ୍କର ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥାଇପାରେ, କିନ୍ତୁ ତାଙ୍କର ଆଦର୍ଶ ଏହି ଘରର କାନ୍ଥରେ, ବାତାବରଣରେ ଏବଂ ଶିବାନୀର ହୃଦୟରେ ଏକ ଅଲିଭା ପ୍ରଦୀପ ଶିଖା ପରି ସବୁଦିନ ପାଇଁ ଜଳୁଥିବ। ଏହା ହିଁ ଥିଲା ସେହି ବେଦନାର ଶେଷ ପରିଣତି- ଏକ ଶାନ୍ତିପୂର୍ଣ୍ଣ ମହାମିଳନ। ସମୟର ବାଲିଘର ଭାଙ୍ଗିଯାଏ ସତ, କିନ୍ତୁ ସ୍ମୃତିର ସମୁଦ୍ର ସେମିତି ଅଥଳ ହୋଇ ରହିଥାଏ। ଶିବାନୀ ଆଜି ସେହି ଶୂନ୍ୟ ଅଗଣାରେ ଛିଡ଼ା ହୋଇ ଅନୁଭବ କରୁଥିଲା ଯେମିତି ବାପାଙ୍କର ସେହି କମ୍ପିତ ସ୍ୱର ଏବେ ବି ପବନରେ ଭସି ବୁଲୁଛି। ପୁଅମାନେ ସହରର କୋଳାହଳ ଭିତରକୁ ଫେରିଯିବା ପରେ ଘରଟା ଯେତେ ଶାନ୍ତ ଦେଖାଯାଉଥିଲା, ଶିବାନୀର ଅନ୍ତରାତ୍ମା ସେତେ ହିଁ ଗଭୀର ଆନ୍ଦୋଳନରେ ମଥିତ ହେଉଥିଲା। ସେ ବୁଝିପାରୁଥିଲା ଯେ ବାପାଙ୍କ ବେଦନା କେବଳ ଶରୀରର ବ୍ୟାଧି ନଥିଲା, ତାହା ଥିଲା ଆନ୍ତରିକ ଅବହେଳାର ଏକ ନୀରବ ଚିତ୍କାର। ବାର୍ଦ୍ଧକ୍ୟର ସେହି ଅସହାୟତାକୁ ଶିବାନୀ ନିଜ ସେବାରେ ଢାଙ୍କି ରଖିବାକୁ ଚେଷ୍ଟା କରିଥିଲେ ମଧ୍ୟ, ସମାଜର ପରିବର୍ତ୍ତିତ ରୁଚି ଓ ସମ୍ପର୍କର ଶୀତଳତାକୁ ସେ ସମ୍ପୂର୍ଣ୍ଣ ରୂପେ ବଦଳାଇ ପାରିନଥିଲା।

ବାପାଙ୍କର ସେହି ଧଳା ପୋଷାକ, ସେହି ଚଷମା ଏବଂ ସେହି ଅଧାପଢ଼ା ବହିଟି ଏବେ ବି ଟେବୁଲ ଉପରେ ସେମିତି ରହିଛି, ଯେମିତି ସେମାନେ ମଧ୍ୟ ବାପାଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଶିବାନୀ ଅନୁଭବ କଲା ଯେ ମଣିଷର ଜୀବନ ଏକ ଅସମାପ୍ତ ଗଳ୍ପ ପରି; ଯେଉଁଠି ପରିସମାପ୍ତି ହିଁ ନୂତନ ଜିଜ୍ଞାସାର ଆରମ୍ଭ କରେ। ଝିଅମାନେ ସବୁବେଳେ ବାପାଙ୍କର ସେହି ନୀରବ ବେଦନାକୁ ପଢ଼ିପାରନ୍ତି, ଯାହାକୁ ପୁଅମାନେ ସଫଳତାର ଶୀର୍ଷରେ ଥାଇ ମଧ୍ୟ ଦେଖିପାରନ୍ତି ନାହିଁ। ଏହି ବ୍ୟବଧାନ ହିଁ ଆଧୁନିକ ସଭ୍ୟତାର ସବୁଠାରୁ ବଡ଼ ବିଡ଼ମ୍ବନା। ବାପାଙ୍କର ସେହି ବେପଥୁ ବା କମ୍ପନ, ତାଙ୍କର ଦୁର୍ବଳତା ନଥିଲା, ବରଂ ତାହା ଥିଲା ପରବର୍ତ୍ତୀ ପିଢ଼ି ପାଇଁ ଏକ ଚେତାବନୀ- ଯେ କାଲି ସେମାନେ ମଧ୍ୟ ସେହି ସ୍ଥାନରେ ଠିଆ ହେବେ। ଶିବାନୀ ନିଜ ଲୁହକୁ ଏକ ସଂକଳ୍ପରେ ପରିଣତ କଲା। ସେ ବୁଝିଗଲା ଯେ ବାପାଙ୍କର ଅସଲ ଶ୍ରାଦ୍ଧ କେବଳ ବିଧିବିଧାନରେ ନାହିଁ, ବରଂ ତାଙ୍କର ଦେଇଥିବା ସଂସ୍କାରକୁ ବଞ୍ଚାଇ ରଖିବାରେ ଅଛି। ଘରର ଚାରିଆଡ଼େ ଅନ୍ଧକାର ଘୋଟି ଆସୁଥିଲେ ମଧ୍ୟ ଶିବାନୀର ହୃଦୟରେ ଏକ ସ୍ନେହର ପ୍ରଦୀପ ଜଳୁଥିଲା, ଯାହା କେବଳ ତା' ବାପାଙ୍କ ପାଇଁ ନୁହେଁ, ବରଂ ସାରା ବିଶ୍ୱର ସେହି ଅସହାୟ ପିତାମାତାଙ୍କ ପାଇଁ ଏକ ପ୍ରାର୍ଥନା ଥିଲା। ସୂର୍ଯ୍ୟ ଅସ୍ତ ହୋଇଯାଇଥିଲେ, କିନ୍ତୁ ଆକାଶର ନାଲିମା କହି ଦେଉଥିଲା ଯେ ପ୍ରେମ ଓ ସେବାର ସୂର୍ଯ୍ୟ କେବେ ମରେ ନାହିଁ। ବେଦନାର ସେହି କମ୍ପନ ଧୀରେ ଧୀରେ ଏକ ଅତୀନ୍ଦ୍ରିୟ ଶାନ୍ତିରେ ରୂପାନ୍ତରିତ ହୋଇଗଲା, ଏବଂ ଶିବାନୀ ସେହି ଶୂନ୍ୟତା ଭିତରେ ବାପାଙ୍କର ଅତି ପରିଚିତ ଆଶୀର୍ବାଦର ହାତକୁ ନିଜ ମୁଣ୍ଡ ଉପରେ ଅନୁଭବ କଲା। ଏହିପରି ଭାବରେ, ବେଦନାର ସେହି ମାର୍ମିକ ଗଳ୍ପ ଏକ ଚିରନ୍ତନ ମୁକ୍ତି ଓ ଆଧାତ୍ମିକ ଚେତନା ଭିତରେ ନିଜର ଶେଷ ପୃଷ୍ଠା ଓଲଟାଇଲା। ସେହି ନୀରବ ସନ୍ଧ୍ୟାରେ ଶିବାନୀ ଏକୁଟିଆ ନଥିଲା, ତା' ସହିତ ଥିଲା ବାପାଙ୍କର ଅସୀମ ସ୍ମୃତି ଏବଂ ସମ୍ପର୍କର ସେହି ଅଭୁଲା ମହକ।

**ରୁମ୍‌ଝୁମ୍ ନାୟକ**
ତେଲେଙ୍ଗା ବଜାର, କଟକ

## ଜନ ଗଣନା

ସ୍ୱାଧୀନ ରାଷ୍ଟ୍ରର ବିକାଶ ନିମନ୍ତେ
ଲୋଡ଼ା ବିଭିନ୍ନ ଯୋଜନା
ସଫଳ ରୂପାୟନ କରିବାକୁ
ହୁଅଇ ଜନଗଣନା।
ଜନସଂଖ୍ୟାର ହିସାବ ସହିତ
ଅନ୍ୟାନ୍ୟ ତଥ୍ୟକୁ ନେଇ
ପରିସଖ୍ୟାନରେ ରାଷ୍ଟ୍ର ବିବରଣୀ
ପ୍ରସ୍ତୁତ କରା ହୁଅଇ।
ପୁରୁଷ ମହିଳା ବାଳକ ବାଳିକା
ସାକ୍ଷର ଓ ନିରକ୍ଷର
ପରିବାର ସଂଖ୍ୟା ଆସବାପତ୍ର
ଗଣିଥାନ୍ତି ସରକାର।
ବାସ ଉପଯୋଗୀ ଗୃହ ସଂଖ୍ୟା ସହ
ଜୀବନ ଧାରଣ ମାନ
ଭାଷା ଶିକ୍ଷା ଧର୍ମ ଶିଶୁ ମୃତ୍ୟୁହାର
କରାଯାଏ ଆକଳନ।
କେନ୍ଦ୍ର ଓ ରାଜ୍ୟର ସହଯୋଗିତାରେ
ଏ କାର୍ଯ୍ୟ ହୁଏ ସମ୍ପନ୍ନ
ଜିଲ୍ଲାପାଳଙ୍କର ତତ୍ତ୍ୱାବଧାନରେ
ତଥ୍ୟଭିତ୍ତିକ ଗଣ।
ମହାନ ଜାତୀୟ କାର୍ଯ୍ୟ ଅଟେ ଏହି
ଲୋଡ଼ା ଜନ ସହଯୋଗ
ଗୋପନ ନରଖି ଆବଶ୍ୟକ ତଥ୍ୟ
ଦେବାରେ ହିଁ ଲାଭଯୋଗ।
ଜନ ସାଧାରଣ ଜୀବନ ଧାରଣ
ମାନର ଉନ୍ନତି ପାଇଁ
ଆମ ସହଯୋଗ ସଦିଚ୍ଛା ହିଁ ଲୋଡ଼ା
ଏକଥାକୁ ଭୁଲ ନାହିଁ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ
ମୋ: ୭୭୩୫୬୧୧୪୮୪

## ଅନ୍ଧାର

ଅନ୍ଧାର ଭିତରେ
କେହି ଜଣେ ଠିଆ ହୋଇଥାଏ
ଚୁପଚାପ୍, ଅସହାୟ
ଏକା ବଟିଶୁଣ୍ଢପରି।
କେତେ ତହଲବିକଳ, କେତେ ନିରସ୍ତ୍ର
ରୁଦ୍ଧ ହୋଇଯାଏ ନିଶ୍ୱାସ
ଦୁଇଁ ହୋଇଯାଏ ଷୋଳଶିରା
ଏମିତି ଅମଣିଆ ଏ ଅନ୍ଧାର ଯେ
ଏଠି ନା ରାତି ପାହେ
ନା ସଞ୍ଜ ବୁଡ଼େ।
ଅନ୍ଧାର ଭିତରେ ଥାଇ
ଛାଇ ଖୋଜୁଥାଏ ସେଇ ଦେହ
ଯିଏ ବନ୍ଦୀ ଚିରକାଳ
ନିଜ ନିଶ୍ୱାସର ପଞ୍ଜୁରିରେ
ସମ୍ପର୍କର କ୍ଷୀଣ ସୂତାରେ ଝୁଲୁଥାଏ
ଜୀବନ ନାଟିକା।
ନିବୁଜ କୋଠରି ଭିତରେ ଖେଳ
ଅନ୍ଧାର ଏବଂ ଛାଇର
ଅଥଚ ବିଡ଼ମ୍ବନା ଏମିତି
ଯେ ଜକେଇଯିବା ପରେ ବି
ଛୁଇଁ ପାରନ୍ତିନି ପରସ୍ପର
କେହି କାହାକୁ, ଅଲଗେଇ ପାରନ୍ତିନି
ସମ୍ପର୍କର କବଜାରୁ।
ଦେହ ନ ଥାଉ
ତଥାପି ବଞ୍ଚିରହୁ ଛାଇ
ଗହଳ ଅନ୍ଧାରର ଆଲିଙ୍ଗନରେ।

**ଚକ୍ରପାଣି ପରିଚ୍ଛା**
ବୈପାରୀଗୁଡ଼ା, କୋରାପୁଟ

ଜାତୀୟ ଚେତନା
JATIYA CHETANA



# କୋଲ୍‌କାତାର ଲଗାତାର ତୃତୀୟ ବିଜୟ



ହାଇଦ୍ରାବାଦ,(ଏଜେନ୍ସି): କୋଲ୍‌କାତା ନାଇଟ୍ ରାଇଡର୍ସ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଚଳିତ ଆଇପିଏଲ୍‌ରେ ଲଗାତାର ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଇଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ମାତ୍ର ପୂରା ଟିମ୍ ୧୯ ଓଭର୍‌ରେ ୧୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କୋଲ୍‌କାତା ୧୮.୨ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଏହି ମ୍ୟାଚ୍ ଜିତି କୋଲ୍‌କାତା ୯ ମ୍ୟାଚ୍‌ରୁ ତିନିଟି ବିଜୟ ସହ ଅଷ୍ଟମ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ୧୦ ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି।

୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କୋଲ୍‌କାତା ପକ୍ଷରୁ ଅଙ୍ଗକୃଷ ରଘୁବଂଶୀ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୭ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୫୯ ରନ୍ କରିଥିଲେ। ତାଙ୍କ ବ୍ୟତୀତ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ୩୬ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୪୩ ରନ୍‌ର ଯୋଗଦାନ ଦେଇଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୬୬ ବଲ୍‌ରେ ୮୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ରାହାଣେଙ୍କୁ ସାକିବ୍ ହୁସେନ୍ ଏବଂ ରଘୁବଂଶୀଙ୍କୁ ଶିଭାଙ୍ଗ କୁମାର ଯଥାକ୍ରମେ ୧୫ଶ ଏବଂ ୧୬ଶ ଓଭର୍‌ରେ ଆଉଟ୍ କରିଥିଲେ। ଏହାପରେ ରିଙ୍କୁ ସିଂହ ଏବଂ କାମେରନ୍ ଗ୍ରୀନ୍ ଟିମ୍‌କୁ ବିଜୟୀ କରାଇଥିଲେ। ରିଙ୍କୁ ୧୧ ବଲ୍‌ରେ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୨୨ ଏବଂ ଗ୍ରୀନ୍ ୩ ରନ୍‌ରେ ଅପରାଜିତ ଫେରିଥିଲେ। ପୂର୍ବରୁ ଓପ୍ନର୍ ଆଲେନ୍ ଫିନ୍ ୧୩ ବଲ୍‌ରୁ ୨୯ ରନ୍ କରି ପ୍ୟାଟ୍ କମିନ୍ସଙ୍କ ଶିକାର ହୋଇଥିଲେ।

ଏହା ପୂର୍ବରୁ ହାଇଦ୍ରାବାଦ ପାଇଁ ଟ୍ରାଭିସ୍ ହେଡ୍ ୬୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ତାଙ୍କ ୨୮ ବଲ୍‌ରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ଈଶାନ୍ କିଶନ୍ ୨୯ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୩ ରନ୍‌ର ଯୋଗଦାନ ଦେଇଥିଲେ। ଦୁହିଁଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୬୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ତେବେ ଦୁହିଁଙ୍କ ଆଉଟ୍ ପରେ ଇନିଂସ୍ ଭୁଶୁଡ଼ି ପଡ଼ିଥିଲା ଏବଂ ୧୯ ଓଭର୍‌ରେ ମାତ୍ର ୧୬୫ ରନ୍‌ରେ ପୂରା ଟିମ୍ ଅଲ୍‌ଆଉଟ୍ ହୋଇଥିଲା। ଓପ୍ନର୍ ଅଭିଷେକ ଶର୍ମା (୧୫) ହେନ୍‌ରିକ୍ କ୍ଲାସେନ୍ (୧୧) ଏବଂ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ (୧୦)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ମଧ ଛୁଇଁପାରି ନଥିଲେ। କୋଲ୍‌କାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ତିନିଟି ୱିକେଟ୍ ନେଇଥିବା ବେଳେ ସୁନିଲ୍ ନରେନ୍ ଏବଂ କାର୍ତ୍ତିକ ତ୍ୟାଗୀଙ୍କୁ ୨-୨ ସଫଳତା ମିଳିଥିଲା। ସେହିପରି ବୈଭବ ଆରୋରା ଓ କାମେରନ୍ ଗ୍ରୀନ୍ ୧-୧ ୱିକେଟ୍ ପାଇଥିଲେ।

# ଇତିହାସ ରଚିଲେ ମନୀଷ ପାଣ୍ଡେ


ହାଇଦ୍ରାବାଦ,(ଏଜେନ୍ସି):ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ମନୀଷ ପାଣ୍ଡେ ଇତିହାସ ରଚିଛନ୍ତି। ଏହି ମ୍ୟାଚ୍ ପାଇଁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବା ପରେ ସେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରେ ଆଇପିଏଲ୍‌ର ସମସ୍ତ ୧୯ ସିଜନ୍‌ରେ ଅତିକମ୍‌ରେ ଗୋଟିଏ ମ୍ୟାଚ୍ ଖେଳିବାରେ ତୃତୀୟ ଖେଳାଳି ହୋଇଛନ୍ତି। ୩୬ ବର୍ଷୀୟ ମନୀଷ ସିଜନ୍‌ର ନବମ ମ୍ୟାଚ୍ ପାଇଁ କେକେଆର୍ ଟିମ୍‌ରେ ରମଣଦୀପ ସିଂହଙ୍କ ସ୍ଥାନ ନେଇଛନ୍ତି। ମନୀଷଙ୍କୁ ଅକ୍ସନ୍‌ରେ ଟିମ୍ ୭୫ ଲକ୍ଷ ଟଙ୍କାରେ କିଣିଥିଲା। ଗତବର୍ଷର ଆଇପିଏଲ୍ ପରେ ଏହା ପାଣ୍ଡେଙ୍କର ଶୀର୍ଷ ସ୍ତରରେ ପ୍ରଥମ ମ୍ୟାଚ୍। ତାଙ୍କୁ ୨୦୨୫-୨୬ ଘରୋଇ ସିଜନ୍ ପାଇଁ କର୍ଣ୍ଣାଟକ ଦ୍ୱାରା ମନୋନୀତ କରାଯାଇ ନଥିଲା। ପାଣ୍ଡେ ୨୦୦୮ରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଆଇପିଏଲ୍ କ୍ୟାରିୟର୍ ଆରମ୍ଭ କରିଥିଲେ। ପରେ ୨୦୦୯ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଯାଇ ପ୍ରଥମ ଭାରତୀୟ ଭାବେ ଶତକ ହାସଲ କରିଥିଲେ। ଏହାପରେ ୨୦୧୦ରେ ପୁଣେ ୱାରିୟର୍ସରେ ଯୋଗଦେଇ ଟିମ୍ ପକ୍ଷରୁ ଚାରିଟି ସିଜନ୍ ଖେଳିଥିଲେ। ୨୦୧୪ ତାଙ୍କର ସବୁଠୁ ଉଲ୍ଲେଖନୀୟ ସିଜନ୍ ଥିଲା। ସେହିପରି ଗୌତମ ଗମ୍ଭୀର ନେତୃତ୍ୱରେ ଟାଇଟଲ୍ ଜିତିଥିବା କେକେଆର୍ ଟିମ୍‌ର ସେ ସଦସ୍ୟ ଥିଲେ। ସେହିପରି ପ୍ରଥମ ଥର ପାଇଁ ପାଣ୍ଡେ ୪୦୦ ରନ୍ କରିଥିଲେ। ୨୦୧୮ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଯିବା ପୂର୍ବରୁ କେକେଆର୍‌ରେ ଚାରିବର୍ଷ କାଟିଥିଲେ। ପରେ ୨୦୨୨ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍ ଏବଂ ୨୦୨୩ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ ଏବଂ ୨୦୨୪ରେ ପୁଣି କେକେଆର୍‌କୁ ଫେରିଥିଲେ। ଟାଇଟଲ୍ ବିଜୟୀ ସିଜନ୍‌ରେ ସେ ଗୋଟିଏ ମ୍ୟାଚ୍ ଏବଂ ଗତବର୍ଷ ତିନିଟି ମ୍ୟାଚ୍ ଖେଳିଥିଲେ।

# ରାଜସ୍ଥାନ ରୟାଲ୍ସ କିଣିଲେ ଲକ୍ଷ୍ମୀ ମିତ୍ତଲ୍

ଜୟପୁର,(ଏଜେନ୍ସି): ବିଶ୍ୱର ନମ୍ବର ଏକ ଷ୍ଟିଲ୍ ବ୍ୟବସାୟୀ ଲକ୍ଷ୍ମୀନିବାସ ମିତ୍ତଲ ଏବଂ ତାଙ୍କ ପୁତ୍ର ଆଦିତ୍ୟ ମିତ୍ତଲ ଆଇପିଏଲ୍ ଫ୍ରାଞ୍ଚାଇଜି ରାଜସ୍ଥାନ ରୟାଲ୍ସକୁ କିଣିଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ମାଲିକ ଅଦାର ପୁନାୱାଲା ମଧ୍ୟ ଏଥିରେ ଅଂଶୀଦାର ଅଛନ୍ତି। ଏହି ଡିଲ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୧.୬୫ ବିଲିୟନ୍ ଡଲାର (ପ୍ରାୟ ୧୫,୬୬୦ କୋଟି ଟଙ୍କା) କୁହାଯାଉଛି। ଏହା ଆଇପିଏଲ୍ ଇତିହାସର ଦ୍ୱିତୀୟ ସବୁଠୁ ବଡ଼ ଡିଲ୍। ଡିଲ୍ ପୂରା ହେବାପରେ ମିତ୍ତଲ ପରିବାର ନିକଟରେ ରାଜସ୍ଥାନ ରୟାଲ୍ସ ପ୍ରାୟ ୭୫ ପ୍ରତିଶତ ଅଂଶଧର ହେବ। ଅଦର ପୁନାୱାଲା ୧୮% ଅଂଶଧନ ସହିତ ପାର୍ଟନର୍ ରହିବେ। ସେହିପରି ବାକି ୭% ଅଂଶଧନ ମନୋଜ ବଡ଼ାଲେ ଏବଂ ବର୍ତ୍ତମାନର ଅନ୍ୟ ଅଂଶୀଦାରଙ୍କ ପାଖରେ ରହିବ। ଏହି ଡିଲ୍‌ରେ କେବଳ ଆଇପିଏଲ୍ ଟିମ୍ ନୁହେଁ ରାଜସ୍ଥାନ ରୟାଲ୍ସ ମାଲିକାନାରେ ଥିବା ଏସ୍‌ଏ୨୦ର ପର୍ଲ ରୟାଲ୍ସ ଏବଂ କ୍ୟାରିବିୟାନ୍ ଲିଗ୍‌ର ବାର୍ବାଡୋସ୍ ରୟାଲ୍ସ ମଧ୍ୟ ସାମିଲ।

ଏହା ପୂର୍ବରୁ ମାର୍ଚ୍ଚ ୨୮ରେ ପିଟିଆଇର ଏକ ରିପୋର୍ଟରେ କୁହାଯାଇଥିଲା ଯେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ବ୍ୟବସାୟୀ କାଲ୍ ସୋମାନୀ ଏବଂ ତାଙ୍କ କନ୍‌ସୋର୍ଟିୟମ୍ ରାଜସ୍ଥାନ ରୟାଲ୍ସ ଉପରେ ୧.୬୩ ବିଲିୟନ୍ ଡଲାର (୧୫,୨୮୯ କୋଟି ଟଙ୍କା)ର ବିଡ୍ ଲଗାଇଥିଲେ। ପରେ ଏହି ଡିଲ୍ ହୋଇପାରି ନଥିଲା। ପିଟିଆଇ ଅନୁସାରେ ଏହି କନ୍‌ସୋର୍ଟିୟମ୍ ଡିଲ୍‌ରୁ ଓହରିଯାଇଛି।

ଅବଶ୍ୟ ଏହି ଡିଲ୍ ଏବେ ନିୟାମକ ମଞ୍ଜୁରୀ ନିର୍ଭରରେ ରହିଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ), ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ଏବଂ ଅନ୍ୟ ସମ୍ବନ୍ଧିତ ସଂସ୍ଥାଙ୍କ ସ୍ୱୀକୃତି ପରେ ଏହାକୁ ଅନ୍ତିମ ରୂପ ଦିଆଯିବ। ଅନୁମାନ ଅନୁସାରେ ସମସ୍ତ ପ୍ରକ୍ରିୟା ପୂରା ହେବା ପରେ ଡିଲ୍ ୨୦୨୬ ସେପ୍ଟେମ୍ବର ସୁଦ୍ଧା ସମ୍ପନ୍ନ ହୋଇପାରେ।



# କଙ୍କାଳର ସାକ୍ଷୀ



ଦିଗମ୍ବର ବେହେରା

ମୁଁ ମରିଯାଇଛି, ସତରେ ମୁଁ ମରିଯାଇଛି, ମୁଁ ବଞ୍ଚିନାହିଁ। ଏ ମିଛ ମାୟା ଅବିଶ୍ୱାସର ଦୁନିଆରୁ ମୁଁ ସବୁଦିନ ପାଇଁ ବିଦାୟ ନେଇଛି। ବାପା-ମାଆ ବାହୁନି ବାହୁନି କାନ୍ଦନ୍ତି ମୋ ପୁଅ, ମୋ ଝିଅ ମରିଯାଇଛି, ଭାଇ କାନ୍ଦେ ମୋ ଭାଇ, ମୋ ଭଉଣୀ ମରିଯାଇଛି, ସ୍ତ୍ରୀ କାନ୍ଦେ ମୋ ସ୍ୱାମୀ ମରିଯାଇଛି। ପୁଅ ଝିଅ ସ୍ନେହ ମମତା ବିକଳରେ କାନ୍ଦନ୍ତି ମୋ ବାପା ମାଆ ଆଉ ଏ ଦୁନିଆରେ ନାହାନ୍ତି। ଠିକ୍ ଏଇ ସମୟରେ ବନ୍ଧୁ-ବାନ୍ଧବ, ସଖା-ସହୋଦର, ସାହିପଡ଼ିଶା ଆସି ସାନ୍ତ୍ୱନା ଦିଅନ୍ତି ଆଉ କହନ୍ତି ଯିଏ ମରିଯାଇଛି ସେତ କେବେ ଫେରିଆସିବନି ଆଉ ଦୁଃଖ କରନି। ତୋ ବାପା, ତୋ ମାଆ, ତୋ ଭାଇ, ତୋ ଭଉଣୀ, ତୋ ପୁଅ, ତୋ ଝିଅ କିମ୍ବା ତୋ ସ୍ୱାମୀ/ସ୍ତ୍ରୀ ବଞ୍ଚିଥିଲାବେଳେ ତୋ ପାଇଁ କିଛି ସଞ୍ଚୟ କରିନି ?

ଖୋଜାହୁଏ କାଗଜପତ୍ର। ପେଡ଼ି ଭିତରୁ ନହେଲେ ଆଲମାରୀର ଗୁପ୍ତ କୋଠରୀରୁ ମିଳେ ଏମିତି କିଛି ଲେଖା:- ମୋର ପ୍ରିୟ ସହୋଦର ମୁଁ ବଞ୍ଚିଥାଉଥାଉ ତୁମମାନଙ୍କ ପାଇଁ ଯାହାବି କରିଛି ମୋ ଜୀବନର ତୁମପାଇଁ କର୍ତ୍ତବ୍ୟ, ଆଉ ଯଦି କିଛି ଉଣା ରହିଯାଇଥା ତେବେ ତାକୁ ଭରଣା ପାଇଁ ମୁଁ ଜୀବନବୀମା, ବ୍ୟାଙ୍କ ସଞ୍ଚୟ, ଜମିବାଡ଼ି ଇତ୍ୟାଦି କରିଦେଇଯାଉଛି। ମୁଁ ମରିଯିବା ପରେ ଏ ସବୁ ତୁମର।

ସେଦିନର କଥା, ଯେବେ ପରିବାରର କାହାରି ମୃତ୍ୟୁ ପରେ ତାଙ୍କ ନାମିତ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ଅଧିକାର ଗ୍ରାମର ଲୋକ କିମ୍ବା ପଡ଼ୋଶୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଉତ୍ତରାଧିକାରୀ ଚୟନ କରାଯାଉଥିଲା। ଯେଉଁ ପୁଅ/ଝିଅ ବାପା ମାଆଙ୍କର ସେବା ଯତ୍ନ କରୁଥିଲା ସେ ପ୍ରାପ୍ୟର ଅଧିକାରୀ ହେଉଥିଲେ। ଯାହା ଫଳରେ କେହି ପୁଅ ଝିଅ ବାପା ମାଆଙ୍କର ସେବାରେ ଅବହେଳା କରୁନଥିଲେ। ଭାଇ-ଭଉଣୀମାନଙ୍କ ମଧ୍ୟରେ ସ୍ନେହ ମମତାର ସମ୍ପର୍କ ଅତୁଟ ରହୁଥିଲା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲପାଇବା ଅକ୍ଷୂର୍ଣ୍ଣ ରହୁଥିଲା। ସାହି ପଡ଼ିଶାର ସମ୍ପର୍କ ଏକ ଅନାବିଳ ପରିବେଶ ସୃଷ୍ଟିକରୁଥିଲା। ବସୁଧୈବ କୁଟୁମ୍ବକମ୍ ର ବାର୍ତ୍ତା ବିଶ୍ୱକୁ ପ୍ରଦାନ କରୁଥିଲା ଓ ବିଶ୍ୱାସର ପରିବେଶର ଲୋକେ କାଳାତିପାତ କରୁଥିଲେ। ପରସ୍ପର ମଧ୍ୟରେ ଭାଇଚାରା ବଜାଇରହୁଥିଲା। ହେଲେ ଆଜି ? କାଗଜପତ୍ରର ନଥିମଲାଟ ଭିତରେ ବିଶ୍ୱାସର ଜଡ଼ଟି ଚାପିହେଇ ନଷ୍ଟ ହେଇଯାଇଛି, ମାନବିକତାର ବୀଜ ଆଜି ଅଙ୍କୁରିତ ହେବାର ପରିବେଶ ନପାଇ ଶୁଷ୍କ ହେଇରହିଛି, ଭ୍ରାତୃତ୍ୱ ଭାବ ବଦଳରେ ଅଙ୍କୁରିତ ହେଇଉଠିଛି ହିଂସା, ଅହଙ୍କାର, ଅବିଶ୍ୱାସ, ସ୍ୱାର୍ଥପରତା ଓ କଳୋହର ବୀଜ, ଆଉ ଏହି ବୀଜର ଜଡ଼କୁ ନ୍ୟାୟାଳୟର ବିଭିନ୍ନ ବିଚାରର ନ୍ୟାୟର ପାଣିଦେଇ ସୁଦୃଢ଼ କରିବାରେ ଲାଗିଛି। ନ୍ୟାୟାଳୟକୁ ଭୁଲ୍ କହିବା ମୋର ଉଦ୍ଦେଶ୍ୟ ନୁହେଁ କିନ୍ତୁ ଯେତେବେଳେ ନ୍ୟାୟାଳୟରେ ଗୋଟିଏ ଛାଡ଼ପତ୍ର କଥା ଆସେ ସେତେବେଳେ ସ୍ୱାମୀ-ସ୍ତ୍ରୀଙ୍କୁ ଅଲଗା ରହିବାର ଅନୁମତି ଦେଇଦିଅନ୍ତି ନ୍ୟାୟାଳୟ, କେବେ ଭାବିଛନ୍ତି କି ? ନିରୀହ ଶିଶୁଟି ବିଷୟରେ। ଯେଉଁ ଶିଶୁଟି ବାପା କିମ୍ବା ମାଆଙ୍କ ସ୍ନେହ ମମତାରୁ ବଞ୍ଚିତ ହୁଏ। କେବେ ଚିନ୍ତାକରିଛନ୍ତି କି ସେଇ ବାପା ମାଆଙ୍କ କଥା ? ଯେବେ ପୁଅଟି ବିବାହ କରେ ଆଉ ବିବାହ ପରେ ପୁଅର ସମସ୍ତ ସମ୍ପତ୍ତିର ଅଧା ଭାଗ ସ୍ତ୍ରୀର ହେଇଯାଏ ଯେଉଁ ବାପା ମାଆ ଜନ୍ମ ଦେଇ କାଖେଇ କୋଳେଇ ମଣିଷ କରିଥିଲେ ତାଙ୍କର ସେ ପୁଅ ଉପରେ କିଛି ଅଧିକାର ନଥାଏ। ଏହିପରି ଅନେକ ଘଟଣା ରହିଛି। ଏବେ କହିବାର କଥା ହେଉଛି ମୃତ୍ୟୁ ପରର ଉତ୍ତରାଧିକାର କଥା। ମୃତ୍ୟୁ ପରର ଉତ୍ତରାଧିକାରୀ ହେବାକୁ ହେଲେ ମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ, ଆଇନ୍‌ଆଧାରିତ କାଗଜାତ୍ (ଲିଗାଲ୍ ହେୟାର) ଇତ୍ୟାଦି, ଏହା ଠିକ୍ କଥା। କିନ୍ତୁ କେବେ କେହି ଜଣେ ଗରିବ ଲୋକ କଥା ଚିନ୍ତା କରିଛନ୍ତି କି ? ଜଣେ ଗରିବ ବାପା, ବିଧବା ମାଆ, ଗରିବ ଭାଇ, ଗରିବ ଭଉଣୀ ତା ପୁଅ, ସ୍ୱାମୀ, ଭଉଣୀ, ଭାଇର ମୃତ୍ୟୁ ପରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ମୃତବ୍ୟକ୍ତିର ସଞ୍ଚିତ ଟଙ୍କା ଉପରେ ଯେତେବେଳେ ନିର୍ଭରଶୀଳ ହୋଇଥାଏ। ବାରମ୍ବାର ବ୍ୟାଙ୍କ କୁ ଦୌଡ଼ି ଦୌଡ଼ି ବିଭିନ୍ନ କାର୍ଯ୍ୟାଳୟକୁ ଧାଆଁଧପଡ଼ କରି କେତେ କଷ୍ଟ ସହିବାକୁ ପଡ଼ିଥାଏ। ନ୍ୟାୟାଳୟର ଏବର ନ୍ୟାୟିକ ବ୍ୟବସ୍ଥା ଆମ ଭିତରେ ଭର୍ତ୍ତିକରିଦେଉଛି ଅମାନବିକତା ଓ ଅବିଶ୍ୱାସର ବିଷ ମଞ୍ଜି। ଯାହାର ପ୍ରତ୍ୟକ୍ଷ ସାକ୍ଷୀ ସାରା ବିଶ୍ୱ ଦେଖିଲା। ନିକଟ ଅତିତରେ ଘଟିଥିବା ଜିତୁ ମୁଣ୍ଡାର କଥା। ଭଉଣୀର ରୋଜଗାରରେ ଚଳିଆସୁଥିବା ଜିତୁ ମୁଣ୍ଡା ତା ଭଉଣୀକୁ ସ୍ନେହରେ ଉଣା ନହେବା ପାଇଁ ନିଜେ ଅବିବାହିତ ରହି ସ୍ନେହ ମମତା ହସଖୁସିରେ ଭାଇଭଉଣୀ ଚଳିଆସୁଥିଲେ। ଭଉଣୀଙ୍କ ବିୟୋଗ ପରେ ବେସାହାରା ହୋଇ ଭାଙ୍ଗିପଡ଼ିଥିବା ଜିତୁ ମୁଣ୍ଡା ଲୁଣ ଭାତ ଖାଇ ବଞ୍ଚୁଥିଲା। ଏହି ବେଳେ ଭଉଣୀର ସଞ୍ଚିତ ଟଙ୍କାକଥା ଉଠାଇଥିଲା ଆଉଜଣେ ଭାଇ। ବାରମ୍ବାର ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲେବି ଟଙ୍କା ଉଠାଇପାରିନଥିଲେ ଜିତୁ ଆଉ ତାଙ୍କ ଭାଇମନରେ ଉଦ୍ଭୁବିତ ହୋଇଥିଲା ଅବିଶ୍ୱାସ। ସେ କହିଥିଲେ ଜିତୁ ସବୁଟଙ୍କା ନିଜେ ନେଇ ଖର୍ଚ୍ଚ କରିଦେଉଛି। ବ୍ୟାଙ୍କ ବାବୁମାନେ ଚାହିଁଥିଲେ ଭଉଣୀଙ୍କ ମୃତ୍ୟୁର ପ୍ରମାଣ। ଜିତୁ ଯେତେ କାକୁତି ମିନତୀ ହୋଇ କୋହଭରା କଣ୍ଠରେ ନେହୁରା ହୋଇ କହିଥିଲେବି ଶୁଣିନଥିଲେ ବାବୁମାନେ। ହଜିଯାଇଥିଲା ମାନବିକତା। ସରକାରୀ ଡାକ୍ତରଖାନାରେ ଭଉଣୀର ମୃତ୍ୟୁକୁ ଦୁଇମାସ ବିତିଯାଇଥିଲେବି ମିଳିନଥିଲା ମୃତ୍ୟୁ ପ୍ରମାଣପତ୍ର। ଯଦିବି ମିଳି ଥାଆନ୍ତା ମୃତ୍ୟୁ ପ୍ରମାଣପତ୍ର ପୁଣି ଦୌଡ଼ିବାକୁ ପଡ଼ିଥାଆନ୍ତା ଆଇନ୍ ଆଧାରିତ କାଗଜପତ୍ର (ଲିଗାଲ ହେୟାର) ପାଇଁ। କୌଣସି ଉପାୟ ନପାଇ ଶେଷରେ କାନ୍ଦି କାନ୍ଦି ନିଜର ଦୁଃଖ ଜଣାଇଥିଲା ସେଇ ଭଉଣୀର ସମାଧି ପାଖରେ। ଆଉ ଆଖିରୁ ଲୁହର ନଦୀ ବୁହାଉଥିବା ଅପାଠୁଆ ଜିତୁପାଇଁ ତା ଭଉଣୀର ମୃତ୍ୟୁର ପ୍ରମାଣ ଦେବା ପାଇଁ ସାକ୍ଷୀ ହୋଇ ଯାଇଥିଲା କଙ୍କାଳ।

ହେ ମଣିଷ ସମାଜ, ହେ ଶିକ୍ଷିତ ସମାଜ କେବେ ଆମ ପାଖରେ ମାନବିକତା ଉଦ୍ରେକ ହେବ, କେବେ ଆମ ପାଖରେ ମଣିଷ ପଣିଆ ଜନ୍ମ ନେବ, କେବେ ଆମ ପାଖରେ ବନ୍ଧୁତ୍ୱ ଭାବ ଜନ୍ମ ନେବ। ଜିତୁ ମୁଣ୍ଡା ପରି ଅନେକ ଲୋକ ଆଜି ମୃ ତ୍ୟୁପ୍ରମାଣପତ୍ର ପାଇଁ, ଲିଗାଲହେୟାର ପାଇଁ, ଜୀବନ ବୀମାର ଟଙ୍କା ଉଠାଇବା ପାଇଁ ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟ, ଧାଆଁ ଧପଡ଼କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ଥରେ ସାକ୍ଷୀଦେବାକୁ କଙ୍କାଳ ନ ଉଠୁ। ଆମ ଦେଶର ନାମ ଆମ ମାଆ ମାଟିର ମଥା ବିଶ୍ୱଦରବାରରେ ଲଜ୍ଜିତ ନହେଉ। ନିଜ ଭିତରେ ଥିବା ଲୋଭ, ହିଂସା, ଅହମିକାକୁ ଦୁରେଇରଖିବା ଓ ସାକ୍ଷୀ ଦେବାକୁ ପୁଣି ଥରେ କଙ୍କାଳ ନ ଆସିବାର ବ୍ୟବସ୍ଥା କରିବା। ଏହା ହିଁ ହେବ ପ୍ରକୃତ କଙ୍କାଳର ସାକ୍ଷୀ ।

*କୁମୁଟିଗୁଡ଼ା, ମାଲକାନଗିରି*
*ମୋ- ୯୭୭୬୪୫୬୪୮୭*

ଜାତୀୟ ଚେତନା
JATIYA CHETANA



# ବୁଣାକାରର ଦରଦୀ କାହାଣୀ 'ମେହେରମୁଣ୍ଡା'

## ରୂପେଲି ପରଦାରେ ଶୁଭିବ ଚରଖାର ଗୁଞ୍ଜରଣ

ଓଡ଼ିଶାର କଳା ଓ ସଂସ୍କୃତିର ଅନନ୍ୟ ପ୍ରତୀକ ହେଉଛି ବୁଣାକାର ସମାଜ। ସୂତା ଓ ରଙ୍ଗର ସମନ୍ୱୟରେ ଯିଏ କାୟା ସୃଷ୍ଟି କରେ, ସେହି ବୁଣାକାରର ଜୀବନ, ଜୀବିକା ଏବଂ ପ୍ରତିଦିନର ସଂଘର୍ଷକୁ ନେଇ ନିର୍ମିତ ହୋଇଛି ନୂତନ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'। ରାଜଧାନୀ ଭୁବନେଶ୍ୱରସ୍ଥିତ ହୋଟେଲ ପଦ୍ମଜାଠାରେ ଏହି ବହୁ ପ୍ରତୀକ୍ଷିତ ସିନେମାର ଟ୍ରେଲର ଏବଂ ଅଡିଓ ଉନ୍ମୋଚିତ ହୋଇଯାଇଛି। ଚଳଚ୍ଚିତ୍ରର ସମସ୍ତ କଳାକାର ଓ କୁଶଳୀ ଟେକ୍‌ନିସିଆନ୍‌ଙ୍କ ଗହଣରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଫିଲ୍ମର ମୁକ୍ତିଲାଭ ତାରିଖ ମଧ୍ୟ ଘୋଷଣା କରାଯାଇଛି। ଆସନ୍ତା ମେ' ୧୫ ତାରିଖରେ ଏହି ଚଳଚ୍ଚିତ୍ରଟି ପରଦାକୁ ଆସିବା ପାଇଁ ପ୍ରସ୍ତୁତ ରହିଛି।

ରାଜ୍ୟର ପ୍ରାୟ ୨୬ ଲକ୍ଷ ବୁଣାକାର ପରିବାରର ଦୁଃଖ-ସୁଖ ଓ ସେମାନଙ୍କ ଅନ୍ତରର ବ୍ୟଥାକୁ ଏହି ସିନେମା ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ ଏକ ନିଆରା ପ୍ରୟାସ କରାଯାଇଛି। ବୁଣାକାର କେବଳ ଶାଢ଼ି ବୁଣେନାହିଁ, ସେଥିରେ ନିଜର ସ୍ୱପ୍ନ ଓ ସଂଘର୍ଷକୁ ମଧ୍ୟ ଯୋଡ଼ିଥାଏ। ଫିଲ୍ମର କାହାଣୀ ଏହି ମର୍ମସ୍ପର୍ଶୀ ବିଷୟବସ୍ତୁ ଉପରେ ଆଧାରିତ। ବିଶେଷକରି ସିନେମାର ସଙ୍ଗୀତ ପକ୍ଷ ବେଶ୍ ଆକର୍ଷଣୀୟ ହୋଇଛି। ଏଥିରେ ସମୁଦାୟ ୩ଟି ଗୀତ ଥିବାବେଳେ, 'ଘିର ଘିର ଘାଇ ଘାଇ ଘୁରୁଚି ଚରଖା, କାହାଣୀ ଶୁଣାଏ ଆମ ନାଲିନେଳି ସୁତା' ଗୀତଟି ଏବେଠାରୁ ବେଶ୍ ଟ୍ରେଣ୍ଡରେ ରହିବା ସହ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛି।




ପ୍ରଯୋଜନା ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବୁଣାକାରଙ୍କ ସମସ୍ୟା ଓ ସମାଜରେ ସେମାନଙ୍କ ଗୁରୁତ୍ୱକୁ ଏହି ସିନେମା ଜରିଆରେ ଉପସ୍ଥାପନ କରାଯାଇଛି। ବ୍ୟାବସାୟିକ ସଫଳତା ସହ ଏକ ସାମାଜିକ ବାର୍ତ୍ତା ବହନ କରୁଥିବା ଏହି ସିନେମାଟି ଓଡ଼ିଆ ଦର୍ଶକଙ୍କ ପାଇଁ ଏକ ଭିନ୍ନ ସ୍ୱାଦର ଅନୁଭୂତି ହେବ ବୋଲି କଳାକାରମାନେ ଆଶା ପ୍ରକାଶ କରିଛନ୍ତି। ଆସନ୍ତା ୧୫ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବା 'ମେହେରମୁଣ୍ଡା' ଚଳଚ୍ଚିତ୍ରଟି ଓଡ଼ିଶାର ମାଟି ଓ ମଣିଷର କଥା କହିବ।

ଶାଢ଼ିର ପ୍ରତିଟି ସୂତାରେ ଆମ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳୁଥିବା ବେଳେ ଏହା ପଛରେ ଲୁଚି ରହିଥିବା କାରିଗରର ଅକ୍ଳାନ୍ତ ଶ୍ରମ ଓ ନିଖୁଣ କାରିଗରୀକୁ ଏହି ଚଳଚ୍ଚିତ୍ରରେ ଅତି ନିକଟରୁ ଦେଖାଯାଇଛି। ସମ୍ପ୍ରତି ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଜଣେ ସାଧାରଣ ବୁଣାକାରର ଯେଉଁ ନିରନ୍ତର ସଂଗ୍ରାମ, ତାହାହିଁ ସିନେମାର ମୂଳବିନ୍ଦୁ। କେବଳ ସୂତା କିମ୍ବା ବୁଣାକାରର କାହାଣୀ ନୁହେଁ, ବରଂ ବର୍ତ୍ତମାନର ସାମାଜିକ ବିଧି ବ୍ୟବସ୍ଥା ଓ ଜଟିଳ ଜୀବନଶୈଳୀ ଉପରେ ଏଥିରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଛି। ବିଶେଷକରି ଦାଦନ ସମସ୍ୟା, 'ଭୋକାଲ୍ ଫର ଲୋକାଲ୍', ଡିଜିଟାଲ ବଜାରର ପ୍ରଭାବ ଏବଂ 'ଆତ୍ମନିର୍ଭର ଭାରତ' ପରି ଜାତୀୟ ଅଭିଯାନ ମଧ୍ୟରେ ଜଣେ କ୍ଷୁଦ୍ର ଶିଳ୍ପୀ କିଭଳି ନିଜକୁ ପ୍ରତିଷ୍ଠିତ କରିପାରୁଛି, ତାହାର ସୁନ୍ଦର ଚିତ୍ରଣ ଏଠାରେ ଦେଖିବାକୁ ମିଳିବ। କରୋନା ମହାମାରୀ ସମୟରେ ବୁଣାକାରଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବା ବେଳେ ସେହି ଦୁର୍ଦ୍ଦିନରୁ ବାହାରି ସେ କିଭଳି ପୁନର୍ବାର ସଫଳତାର ଶୀର୍ଷକୁ ଛୁଇଁପାରିଛି, ତାହା ଦର୍ଶକଙ୍କୁ ପ୍ରେରଣା ଯୋଗାଇବ। ଜଣେ ବୁଣାକାରର ପରାଜୟରୁ ବିଜୟର ଏହି କାହାଣୀ କେବଳ ଏକ ସିନେମା ନୁହେଁ, ବରଂ ଓଡ଼ିଶାର ୨୬ ଲକ୍ଷ ବୁଣାକାରଙ୍କ ସ୍ୱାଭିମାନର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମୂକସାକ୍ଷୀ ସାଜିଥିବା ହସ୍ତତନ୍ତ କଳାର ଅସଲ ବିଶ୍ୱକର୍ମା ହେଉଛନ୍ତି ଆମ ବୁଣାକାର। ସେହି ଅନନ୍ୟ କାରିଗରମାନଙ୍କ ହଜିଯାଉଥିବା ପରିଚୟକୁ ଉଜ୍ଜୀବିତ କରିବା ସହ ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିଆର ରେକର୍ଡସ ବ୍ୟାନରରେ ନିର୍ମିତ ହୋଇଛି ଏହି ସ୍ୱତନ୍ତ୍ର ଚଳଚ୍ଚିତ୍ର 'ମେହେରମୁଣ୍ଡା'। ଏହି ସିନେମାରେ ମୁଖ୍ୟ ଭୂମିକାରେ ଲୋକପ୍ରିୟ ଅଭିନେତା ଜ୍ୟୋତି ରଞ୍ଜନ ନାୟକଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଓ ଚ୍ୟାଲେଞ୍ଜିଂ ବୁଣାକାର ଚରିତ୍ରରେ ଦେଖିବାକୁ ମିଳିବ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା। ନିଜର ବଳିଷ୍ଠ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିଣିଥିବା ଜ୍ୟୋତି ଏହି ଫିଲ୍ମକୁ ତାଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଚଳଚ୍ଚିତ୍ର ବୋଲି ଅଭିହିତ କରିଛନ୍ତି।

ଚଳଚ୍ଚିତ୍ରର ଅନ୍ୟାନ୍ୟ ପ୍ରମୁଖ ଚରିତ୍ରରେ ରାକେଶ କୁମାର ପାଢ଼ୀ ଏବଂ ସୁଶାନ୍ତ ଦାସ ମହାପାତ୍ର ନଜର ଆସିବେ। ରାକେଶ କୁମାର ପାଢ଼ୀ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଥିବା ବେଳେ ପ୍ରତିଭାବାନ ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟି ଏକ ବାସ୍ତବବାଦୀ ରୂପ ପାଇଛି। ଶ୍ରୀକାନ୍ତ ପଟ୍ଟନାୟକଙ୍କ ସିନେମାଟୋଗ୍ରାଫି ଓ ଅମିତ ଯୁବରାଜଙ୍କ ପ୍ରାଣଛୁଆଁ ସଙ୍ଗୀତ ନିଶ୍ଚିତ ଭାବେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ। ସୂତାର ଗୁଞ୍ଜରଣ ସହ ସଙ୍ଗୀତର ମୂର୍ଚ୍ଛନା ଏହି ସିନେମାର ଆବେଗକୁ ଆହୁରି ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଓଡ଼ିଆ ସିନେମା ଜଗତରେ 'ମେହେରମୁଣ୍ଡା' ବୁଣାକାର ସମାଜର ଜୟଗାନ କରିବା ସହ ସେମାନଙ୍କ ଅନ୍ତରର ସ୍ୱରକୁ ସର୍ବସାଧାରଣରେ ପହଞ୍ଚାଇବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

# 'ମନ୍ତ୍ର ମୁଗ୍ଧ'ର ମୋହିନୀ ଶକ୍ତି

ଓଡ଼ିଆ ସିନେମା ଜଗତରେ ଏବେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ପ୍ରତିଭାବାନ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ବହୁ ପ୍ରତିକ୍ଷୀତ ଚଳଚ୍ଚିତ୍ର 'ମନ୍ତ୍ର ମୁଗ୍ଧ' ଗତ ମେ' ୧ ତାରିଖରେ ପରଦାକୁ ଆସିବା ପରେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଛି। ଫିଲ୍ମଟି ପ୍ରଥମ ଦିନରୁ ହିଁ ହାଉସଫୁଲ୍ ଶୋ' ସହିତ ବକ୍ସ ଅଫିସରେ ଜବରଦସ୍ତ କାରବାର କରି ସମସ୍ତଙ୍କୁ ଚକିତ କରିଦେଇଛି। ଓଡ଼ିଶାର ପ୍ରଥମ ପୂର୍ଣ୍ଣାଙ୍ଗ ହରର-କମେଡି ଭାବେ ପରିଚିତ ଏହି ସିନେମାଟି ପ୍ରଥମ ଦିନରେ ୨୧.୫୧ ଲକ୍ଷ ଟଙ୍କାର ବ୍ୟବସାୟ କରି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ସୋସିଆଲ ମିଡିଆ ମାଧ୍ୟମରେ ନିର୍ଦ୍ଦେଶକ ନିଜେ ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ଦର୍ଶକଙ୍କୁ କୃତଜ୍ଞତା ଜଣାଇବା ସହ ଆଞ୍ଚଳିକ ସିନେମାରେ ଏହି ସାହସିକ ପ୍ରୟାସକୁ ଲୋକେ ଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।




ଫିଲ୍ମର ସଫଳତା ପଛରେ ଏହାର ନିଆରା କାହାଣୀ ଓ ଜବରଦସ୍ତ କଳାକାରଙ୍କ ଅଭିନୟ ରହିଛି। ଭୟ ସହିତ ହସର ତଡ଼କା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଛି। ପ୍ରଣବ ରଥଙ୍କ ସଂଳାପ ଏବଂ ନିଶାନ୍ତ ମାଝିଠିଆଙ୍କ ଅତିରିକ୍ତ ଚିତ୍ରନାଟ୍ୟ ଚଳଚ୍ଚିତ୍ରଟିକୁ ଅଧିକ ପ୍ରଭାବଶାଳୀ କରିଛି। ବିଶେଷ କରି ଫିଲ୍ମର ସଙ୍ଗୀତ ପକ୍ଷ ବେଶ୍ ମଜବୁତ। ପାଞ୍ଚ ଜଣ ଦକ୍ଷ ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଙ୍ଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ମିଳିତ ଭାବେ ପାଞ୍ଚଟି ଭିନ୍ନ ସ୍ୱାଦର ଗୀତ ପ୍ରସ୍ତୁତ କରିଛନ୍ତି। ସେଥିମଧ୍ୟରୁ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ କଣ୍ଠଦାନ କରାଯାଇଥିବା ଗୀତଟି ଏବେ ଲୋକଙ୍କ ମୁଖରେ ଘୁରି ବୁଲୁଛି।

ଏହି ସିନେମାରେ ଅଭିନେତ୍ରୀ ସୂର୍ଯ୍ୟମୟୀ, ସନୋଜ, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦ୍ୱିପାନ୍ୱିତ ଦାସ ମହାପାତ୍ର ଓ ଭୂମିକା ଦାଶଙ୍କ ପରି ଯୁବ କଳାକାରଙ୍କ ସହ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଝିଠିଆ, ସୋମା ହୋତା ଏବଂ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତଙ୍କ ପ୍ରଭାବଶାଳୀ ଅଭିନୟ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଅଭିନେତ୍ରୀ ଭୂମିକା ଦାଶ ଏହି ଚଳଚ୍ଚିତ୍ର ଜରିଆରେ ପ୍ରଥମ ଥର ପାଇଁ ପ୍ରଯୋଜନା ସଂସ୍ଥା ସହ ଜଡ଼ିତ ହୋଇଥିବା ବେଳେ ଅନ୍ୟ କଳାକାରମାନେ ଅନୁପମଙ୍କ ସହ କାମ କରିବାର ଦ୍ୱିତୀୟ ସୁଯୋଗ ପାଇଛନ୍ତି। ଓଡ଼ିଆ ସିନେମାର ଏହି ବୈପ୍ଳବିକ ପରିବର୍ତ୍ତନ ଓ ବମ୍ପର ଓପନିଂ ଆଗାମୀ ଦିନରେ ନିର୍ମାତାମାନଙ୍କୁ ଆହୁରି ମୌଳିକ କାହାଣୀ ନେଇ ସିନେମା ନିର୍ମାଣ କରିବାକୁ ଉତ୍ସାହିତ କରିବ। 'ମନ୍ତ୍ର ମୁଗ୍ଧ'ର ଏହି କ୍ରେଜ୍ ବକ୍ସ ଅଫିସରେ ଆଗକୁ ଆହୁରି ଭଲ ବ୍ୟବସାୟ କରିବାର ସଙ୍କେତ ଦେଉଛି।

# ଓସ୍କାର୍ ନିୟମରେ ବଡ଼ ଧରଣର ପରିବର୍ତ୍ତନ

## ୨୦୨୭ରେ ଭାରତୀୟ ସିନେମା ପାଇଁ ବଢ଼ିବ ସୁଯୋଗ

ବିଶ୍ୱ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ ଓସ୍କାର ପାଇଁ ଆଶାୟୀ ଥିବା ଭାରତୀୟ ସିନେମା ପ୍ରେମୀଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଥିବା ୯୯ତମ ଏକାଡେମୀ ପୁରସ୍କାର ପାଇଁ ଏକାଡେମୀର ପରିଚାଳନା ପରିଷଦ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଅନୁମୋଦନ କରିଛନ୍ତି। ଏହି ନୂତନ ନିୟମାବଳୀ କେବଳ ଚଳଚ୍ଚିତ୍ର ନିର୍ମାଣ ଶୈଳୀକୁ ପ୍ରଭାବିତ କରିବ ନାହିଁ, ବରଂ ଭାରତ ଭଳି ଦେଶକୁ ବିଶ୍ୱ ଦରବାରରେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିବା ପାଇଁ ଏକ ମଜବୁତ ପ୍ଲାଟଫର୍ମ ପ୍ରଦାନ କରିବ। ସବୁଠାରୁ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଛି 'ଶ୍ରେଷ୍ଠ ଆନ୍ତର୍ଜାତୀୟ ଫିଚର ଫିଲ୍ମ' ବର୍ଗରେ ଦାଖଲ ପ୍ରକ୍ରିୟା। ଏବେ ଯେକୌଣସି ଦେଶ ଗୋଟିଏ ବଦଳରେ ଦୁଇଟି ଚଳଚ୍ଚିତ୍ରକୁ ମନୋନୟନ ପାଇଁ ପଠାଇ ପାରିବେ। ଭାରତରେ ପ୍ରତିବର୍ଷ ବିଭିନ୍ନ ପ୍ରାଦେଶିକ ଭାଷାରେ ଅନେକ ଶ୍ରେଷ୍ଠ ଚଳଚ୍ଚିତ୍ର ନିର୍ମାଣ ହେଉଥିବା ବେଳେ, ମାତ୍ର ଗୋଟିଏ ସିନେମା ବାଛିବା ପାଇଁ ଚୟନ କମିଟିକୁ ଅନେକ ସଂଘର୍ଷ କରିବାକୁ ପଡୁଥିଲା। ଏହି ନୂଆ ବ୍ୟବସ୍ଥା ଦ୍ୱାରା ଏବେ ଦୁଇଟି ଭିନ୍ନ ଭାଷା କିମ୍ବା ଶୈଳୀର ଶ୍ରେଷ୍ଠ ସିନେମା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

ଅଭିନୟ କ୍ଷେତ୍ରରେ ମଧ୍ୟ ଏକାଡେମୀ ଐତିହାସିକ ପରିବର୍ତ୍ତନ କରିଛି। ଏଣିକି ଜଣେ ପ୍ରତିଭାବାନ ଅଭିନେତା ବା ଅଭିନେତ୍ରୀଙ୍କୁ ସମାନ ବର୍ଗରେ ଏକାଧିକ ନାମାଙ୍କନ ପାଇବା ପାଇଁ ସୁଯୋଗ ମିଳିବ। ଯଦି ଜଣେ କଳାକାର ଗୋଟିଏ ବର୍ଷରେ ଦୁଇଟି ଚଳଚ୍ଚିତ୍ରରେ ଚମତ୍କାର ପ୍ରଦର୍ଶନ କରିଛନ୍ତି, ତେବେ ଉଭୟ ଭୂମିକା ପାଇଁ ସେ ପୁରସ୍କାର ଦୌଡ଼ରେ ସାମିଲ ହୋଇପାରିବେ। ଅନ୍ୟପଟେ, ବର୍ତ୍ତମାନର ବୈଷୟିକ ଯୁଗରେ କୃତ୍ରିମ ବୁଦ୍ଧିମତା ବା ଇଓର ବ୍ୟବହାରକୁ ନେଇ ଓସ୍କାର କଡ଼ା ନିୟମ ଜାରି କରିଛି। ମାନବୀୟ ସୃଜନଶୀଳତା ଓ ମୌଳିକତାକୁ ପ୍ରାଧାନ୍ୟ ଦେଇ ଏକାଡେମୀ ସ୍ପଷ୍ଟ କରିଛି ଯେ, ଇଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ନିର୍ମିତ କିମ୍ବା ପ୍ରଭାବିତ ଅଭିନୟ ଓ ଲେଖାକୁ ପୁରସ୍କାର ପାଇଁ ବିଚାର କରାଯିବ ନାହିଁ। ଏହି ନିଷ୍ପତ୍ତି ପ୍ରକୃତ କଳାକାର ଓ ସ୍ରଷ୍ଟାମାନଙ୍କୁ ଉତ୍ସାହିତ କରିବ। ୧୪ ମାର୍ଚ୍ଚ ୨୦୨୭ରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ଭାରତୀୟ ସିନେମାର ଏହି ନୂତନ ସୁଯୋଗ କିଭଳି ସଫଳତା ଆଣୁଛି, ତାହା ଉପରେ ସାରା ବିଶ୍ୱର ନଜର ରହିବ। ନିୟମର ଏହି ସଂଶୋଧନ ନିଶ୍ଚିତ ଭାବେ ଚଳଚ୍ଚିତ୍ର ଜଗତକୁ ଏକ ସ୍ୱଚ୍ଛ ଏବଂ ଅଧିକ ପ୍ରତିଯୋଗିତାମୂଳକ ପରିବେଶ ପ୍ରଦାନ କରିବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ